୧। ପଟାମୁଣ୍ଡାଇ ପ୍ରଗଣା ଓ ଉକ୍ତ ସାଃ ରେଃ ଇଲାକାର ଖଃ ଅଳ ନ ୨୩ ଇଃ ମୌଃ ଘଡ଼ିଆ ସ୍ଥିତ ରଜକାରେଥିବା ଧୟାମଣି ପଣ୍ଡା ଓଗେରେଙ୍କ ନାମ ଶାମିଲ ଦେଣଦାର ନାମରେ ବନ୍ଦୋବସ୍ତ ନ ୧୭୮ ଖାତା ଖାଃ ସ୍ଥିତିବାନ ସାବେ ଏ୨—୭୩ ରୁ ଜମା ଟ ୫।୬ ମଧ୍ୟରୁ ଦେଣଦାରଙ୍କ ଅଂଶ ସାଃ ୫୦।/୪ ରୁ ଏ୦—୫୧ ରୁ ଜମା ଟ ୧।୬ ଓ ଉକ୍ତ ମଉଜାରେଥିବା ଉପରୋକ୍ତ ବ୍ୟକ୍ତିଙ୍କ ନାମରେ ବନ୍ଦୋବସ୍ତ ନ ୧୭୩ ଖାତା ଖାଃ ସ୍ଥିତିବାନ ଏ୦—୭୫ ରୁ ଜମା ଟ ୧/୭ ମଧ୍ୟରୁ ଦେଣଦାର ସାଃ ଟ୦।/୪ ରୁ ଏ୦—୨୧-୭୨/୧୩।୧ ରୁ ଜମା ଟ୦।/୧୦ ଓ ଉକ୍ତ ମଉଜାରେଥିବା ଉପରୋକ୍ତ ବ୍ୟକ୍ତିଙ୍କ ନାମରେ ବନ୍ଦୋବସ୍ତ ନ ୭୭ ଖାତା ଖାଃ ସ୍ଥିତିବାନ ଏ୦—୪୦ ରୁ ଜମା ଟ୦ ୷୶ ମଧ୍ୟରୁ ଦେଣଦାର ଅଂଶ ସାଃ ଟ ୦ ।/୪ ରୁ ଏ୦—୧୩—୩।/୭୨ ଜମା ଟ୦।୮ ଓ ଉକ୍ତ ମଉଜାରେଥିବା ନ ୧୦ ଖାତା ଖାଃ ସ୍ଥିତିବାନ ଏ୦—୭୪ ରୁ ଜମା ଟ୦।୶ ମଧ୍ୟରୁ ଦେଣଦାର ଅଂଶ ସାଃ ଟ୦।/୪ ରୁ ଏ୦—୨୪-୭୨/୧୩।୧ ରୁ ଜମା ଟ୦୶/୪ ଉକ୍ତ ମଉଜାରେଥିବା ନ୭୭ ଖାତା ଖାଃ ସ୍ଥିତିବାନ ଏ୧—୪୭ ରୁ ଜମା ଟ୦୶/୯ ମଧ୍ୟରୁ ଦେଣଦାରଙ୍କ ଅଂଶ ସାଃ ଟ୦।/୪ ରୁ ଏ୦—୪୮—୭୨/୧୩।୧ ରୁ ଜମା ଟ୦୶/୪ ଅଟେ ଉକ୍ତ ଜମିମାନ ନିଲାମହେବ ଅଃ ମୂଃ ଟ ୧୨୦୧

୨। ଉକ୍ତ ପ୍ରଗଣା ଓ ସାଃ ରେଃ ଇଲାକାର ଖଃ ଅଳ ନ ୨୩ ଇଃ ମୌଃ ଘଡ଼ିଆସ୍ଥିତ ରଜକାରେଥିବା ଅନନ୍ତ ପଣ୍ଡା ଓଗେରେଙ୍କ ନାମଶାମିଲ ଦେଣଦାର ନାମରେ ବନ୍ଦୋବସ୍ତ ନ ୪୦୩ ଖାତା ଖାଃ ଚିରସ୍ଥାୟୀ ଜମାର ପ୍ରଜାସତ୍ୱର ଏ୧—୨୭ ଜମି ମଧ୍ୟରୁ ଦେଣଦାରର ସାଃ ଟ୦।/୪ ରୁ ଏ୦—୪୨—୩।/୭୨ ଭୂମି ଜମି ଓ ତଦସ୍ଥିତ ଗଛ ଉପର ସବୁ ଜବତ ରଖାଯାଇ ଏ ମୋକଦ୍ଦମାରେ ନିଲାମହେବ ଅଃ ମୂଃ ଟ ୨୮୧

୩। ଉକ୍ତ ମଉଜାରେଥିବା ନ ୪୦୮ ଖାତା ଖାଃ ଚିରସ୍ଥାୟୀ ଜମାର ଏ୧—୨୫ ଭୂଃ ନ ୪୦୯ ଓ ନ ୪୧୦ ନମ୍ବର ଖାତା ଖାଃ ପ୍ରଜାସତ୍ୱର ଏ୦—୧୯ ଭୂଃ ସମୁଦାୟ ଏ୧—୪୪ ଭୂଃ ମଧ୍ୟରୁ ଦେଣଦାରର ସାଃ ଟ୦।/୪ ରୁ ଏ୦-୪୮ ଭୂଃ ନିଲାମହେବ ଉହାର ଅନୁମାନିକ ମୂଲ୍ୟ ଟ ୩୦୧

୪। ଖଃ ଅଳ ମୌଃ ବାଲସ୍ତ କେତାର ସ୍ଥିତ ଅନନ୍ତ ପଣ୍ଡା ଓଗେରେଙ୍କ ନାମ ଶାମିଲ ଦେଃ ନାମରେ ବନ୍ଦୋବସ୍ତ ନ ୪ ନମ୍ବର ଖାତା ଖାଃ ଏ୦—୫୨ ଭୂଃ ମଧ୍ୟରୁ ଦେଣଦାରର ଅଂଶ ସାଃ ଟ ୦।/୪ ରୁ ଏ୦—୧୮—୭୨/୧୩।୧ ଜମା ଟ ୦୷/୭ ନିଲାମ ହେବ ଉହାର ଅଃ ମୂଃ ଟ ୧୨୧

୫। ଖଃ ଅଳ ମୌଃ ମହାପାତ୍ରଙ୍କ ଇଲାକାରେ ଥିବା ଦେଣଦାର ନାମରେ ବନ୍ଦୋବସ୍ତ ନ ୧୩ ଖାତା ଖାଃ ଜଳସେଚ ଖାଃ ସ୍ଥିତିବାନ ଏ୦ ୨୧ ଭୂ ଜମା ଟ ୦।/୩ ଅଟେ ଉକ୍ତ ଜମି ନିଲାମ ହେବ ଉହାର ଅଃ ମୂଲ୍ୟ ଟ ୧୫୧

—୦—

ନ ୧୫୩୯ ନମ୍ବର ଜାରି ସନ ୧୯୩୧ ମସିହା

ଲାଃ ମୁନସଫ କେନ୍ଦ୍ରାପଡ଼ା

ବୃନ୍ଦାବନ ସାହୁ ଡ୍ରି

କୃପାସିନ୍ଧୁ ବେହେରା ଓଗେରେ ଦେଃ ମାଟେଙ୍କ

ଚଳନ୍ତି ବର୍ଷର ତା ୧୫।୩।୩୨ ରେ ନିଲାମ ହେବ।

୧। ଖଃ ଜୋଡ଼ବଲି ମୌଃ କୁଆପାଳରେ ଥିବା ନ ୧୦୫ ନମ୍ବର ଖାତା ସମସ୍ତ ଦେଃ ଦଖଲ ଏ୦—୪୪—୩-୩ ଜମିର ଜମା ଓ ତଦସ୍ଥିତ ବୃକ୍ଷାଦି ସହିତ।

୨। ଏଗାର ମଉଜାରେ ଥିବା ନ ୧୦୯ ନମ୍ବର ଖାତା ସମସ୍ତ ଦେଃ ଦଖଲ ଏ୪—୦୫—୩୨ ଜମିର ଜମା ଟ୧୯ ଓ ତାହା ଉପର ଘର ଗୋ ୨ଟା ଲୁଗା ସଙ୍ଗ ବାଡ଼ି ଭୋଗଦଖଲ ସହିତ ବୃକ୍ଷାଦି ସହିତ।

୩। ଉକ୍ତ ମଉଜାରେ ଥିବା ନ ୧୧୧ ନମ୍ବର ଖାତା ସମସ୍ତ ଦେଃ ଦଖଲ ଭୂମି ଏ୦—୨୩-୭୨ ରୁ ମୋଟ ଜମା ଟ ୦୷/୧୨

୪। ଉକ୍ତ ମଉଜାରେ ଥିବା ନ ୧୧୩ ଖାତା ସମସ୍ତ ଦେଃ ଦଖଲ ଏ୦—୨୫—୫ ରୁ ଜମା ଟ ୦୷୯ ଅଟେ।

୫। ଉକ୍ତ ମଉଜାରେ ଥିବା ଖାଲି ବନ୍ଦୋବସ୍ତ ନ ୧୧୯ ନମ୍ବର ଖାତା ସମସ୍ତ ଦେଃ ଦଖଲ ଏ୦—୨୭—୫ ଜମା ଟ୦୷୶/୭୨।




Digitized by srujanika@gmail.com

Split by PDF Splitter

REGISTERED NO. D.6

67

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ଅଗ୍ରିମ ମୂଲ୍ୟ ୩ ୧
ପ୍ରତିଖଣ୍ଡ ୦୧୧

ଖଣ୍ଡ ୬୭ ଶ | Cuttack, Saturday the 12th March 1932 | ଫାଲ୍ଗୁନ ୩୦ ସନ ୧୩୩୯ ସାଲ ଶନିବାର | ୧୧ଶ ସଂଖ୍ୟା

## ଗୋଲଟେବଲ କମିଟିଙ୍କ କାର୍ଯ୍ୟ

ହାଇକୋର୍ଟ, ଚିଫ୍‌କୋର୍ଟ କାହା ଅଧୀନରେ ରହିବ, ଏହି ବିଷୟ ଗତ ତା ୨ରିଖ ଦିନ ଗୋଲଟେବଲ କମିଟି ସଭାରେ ଆଲୋଚିତ ହେଲା । ମାନନୀୟ ବଡଲାଟ ମହୋଦୟ ସଭାପତି ହୋଇଥିଲେ । କେତେକ ସଭ୍ୟ କହିଲେ—"ହାଇକୋର୍ଟ ଭାରତ ସରକାରଙ୍କ ଅଧୀନରେ ରହିବା ଉଚିତ ।" ଆଉ ଦଳେ କହିଲେ—"ପ୍ରାଦେଶିକ ସରକାରଙ୍କର ହାଇକୋର୍ଟ ଉପରେ କର୍ତ୍ତୃତ୍ୱ ରହିଲେ ପ୍ରାଦେଶିକ ସରକାରଙ୍କର ଅସନ୍ତୋଷ ରହିବ ।"

ଏହିପରି ଗୁରୁତର ବାଦାନୁବାଦ ହେଲା । ଶେଷରେ କିଛି ସ୍ଥିର ହୋଇ ପାରି ନ ଥିଲା । ଶେଷରେ ସ୍ଥିରହେଲା ଯେ ଏବିଷୟ ଭାରତ ପାର୍ଲ୍ୟାମେଣ୍ଟକୁ ପଠାଯାଉ । ସେ ଯାହା କହିବେ ସେହିପରି ହେବ ।

ଏହିପରି ଅନ୍ତ୍ୟ ପରାମର୍ଶ କରି ସ୍ଥିର କରୁଅଛନ୍ତି କି ଦେୱାନୀ ଓ ଫୌଜଦାରୀ ଆଇନ୍ ସବୁ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ପ୍ରଣୀତ ହେବ ।

ଗତ ତା ୫ରିଖ ଦିନ ଏହି କମିଟିର ମେମ୍ବରମାନଙ୍କର କାର୍ଯ୍ୟ ବନ୍ଦ ରହିଲା । ଆସନ୍ତା ମେ ମାସରେ ପୁଣି ସିମଲାଠାରେ ବୈଠକ ବସିବ ।

—❀—

## ବୋଷଙ୍କ ପାଇଁ ବ୍ୟବସ୍ଥା

ଗତ ତା ୪ରିଖ ଦିନ ମଧ୍ୟପ୍ରଦେଶ ବ୍ୟବସ୍ଥାପକ ସଭାରେ ଶ୍ରୀଯୁକ୍ତ ଖରେ ଡାକ୍ତର ବୋଷଙ୍କ ସମ୍ବନ୍ଧରେ କେତେକ ପ୍ରଶ୍ନ ଉତ୍ତର ହୋଇଯାଇଅଛି । ମଧ୍ୟ ପ୍ରଦେଶ ସରକାରଙ୍କ ପକ୍ଷରୁ ମେମ୍ବର ଦେଇଥିବା ଉତ୍ତରରୁ ଜଣାଯାଏ—ସେ ବର୍ତ୍ତମାନ ସିଓନି ଜେଲରେ ଅଛନ୍ତି । ତାଙ୍କପାଇଁ ଦିନକୁ ଏକ ଟଙ୍କା ଲେଖାଏ ବ୍ୟୟ ହେଉଅଛି । ଭାରତ ସରକାର, ବଙ୍ଗ ସରକାର ଓ ମଧ୍ୟ ପ୍ରଦେଶର ସରକାରଙ୍କ ମଧ୍ୟରେ ପରାମର୍ଶ ହୋଇ ଏ ବିଷୟ ସ୍ଥିର ହୋଇଅଛି । ତାଙ୍କପାଇଁ ଜଣେ ବଙ୍ଗାଳୀ ପୂଜାରୀ ଅଣା ହେବାର ଠିକ୍ ହୋଇଅଛି । ବର୍ତ୍ତମାନ ଜେଲ୍ ସୁପ୍ରେଣ୍ଟେଣ୍ଡଙ୍କ ପୂଜାରୀ ହାତ ରୋଷେଇରେ ସେ ଖାଉଅଛନ୍ତି ।

—❀—

## ବ୍ରହ୍ମ ପୃଥକ୍‌କରଣ ସମସ୍ୟା

ଗତ ତା ୧ ରିଖ ଦିନ ବ୍ରହ୍ମ ବ୍ୟବସ୍ଥାପକ ସଭାରେ ବ୍ରହ୍ମ ଗଭର୍ଣ୍ଣର ଗୋଟିଏ ବକ୍ତୃତା ଦେଇ ଅଛନ୍ତି । ଏହି ବକ୍ତୃତାରେ ସେ ଦୁଇଗୋଟି ବିଷୟ ବିଶେଷ ଭାବରେ ଉଲ୍ଲେଖ କରିଅଛନ୍ତି । ମହାମହିମ ସମ୍ରାଟଙ୍କ ଦ୍ୱାରା ଯେଉଁ ଗୋଲଟେବଲ ସମ୍ମିଳନୀ ବ୍ରହ୍ମଦେଶ ପାଇଁ ବସିଥିଲା, ଉକ୍ତ ସମ୍ମିଳନୀ ପରେ ସରକାର ଯେଉଁ ସିଦ୍ଧାନ୍ତ କରିଅଛନ୍ତି, ତାହା ଗଭର୍ଣ୍ଣର ମହୋଦୟ ଏହି ସଭାରେ ଶୁଣାଇ ଥିଲେ—

(୧) ୧୯୩୩ ସାଲ ଗ୍ରୀଷ୍ମ ସମୟରେ ବର୍ମାର ଶାସନ ଯୋଜନା ପାର୍ଲିଆମେଣ୍ଟ ଦ୍ୱାରା ସ୍ୱୀକୃତ ହେବ ।

(୨) ୧୯୩୩ ନଭେମ୍ବର ମାସରେ ନୂଆ ବ୍ୟବସ୍ଥାପକ ସଭା ପାଇଁ ନିର୍ବାଚନ ହେବ ।

(୩) ଡିସେମ୍ବର ମାସରେ ନୂଆ ମନ୍ତ୍ରୀ ମଣ୍ଡଳ ଗଠନ କରାଯିବ ।

(୪) ଅପ୍ରେଲ ପହିଲା ୧୯୩୪ରେ ଭାରତରୁ ବର୍ମାକୁ ପୃଥକ୍ କରାଯିବ ।

ବର୍ମାକୁ ଭାରତରୁ ପୃଥକ୍ କରିବା ଉଚିତ କି ନୁହେଁ ଏହି ଗୁରୁତର ସମସ୍ୟା ନେଇ ନିର୍ବାଚନ କରାଯିବ । ଆଗାମୀ ଶରତ ଋତୁରେ ଏହି ନିର୍ବାଚନ କରାଇବା ଉଚିତ ବୋଲି ଲାଟ ସାହେବ ସୂଚନା ଦେଇ ଅଛନ୍ତି ।

—❀—

## ବ୍ରିଟିଶ ସାମ୍ରାଜ୍ୟର ଲୋକସଂଖ୍ୟା

ଶେଷ ଜନଗଣନା ହିସାବରୁ ଜଣା ଯାଇଅଛି ଯେ, ବ୍ରିଟିଶ ସାମ୍ରାଜ୍ୟର ସର୍ବମୋଟ ଲୋକସଂଖ୍ୟା ୪୮୫୦୦୦୦୦୦ ଅଟେ । ଏଥିମଧ୍ୟରୁ କେବଳ ଇଉନାଇଟେଡ୍ କିଙ୍ଗଡମ୍ ବା ଗ୍ରେଟବ୍ରିଟେନର ଲୋକସଂଖ୍ୟା ୪୬୨୨୭୩୮୨ ।

| | |
|---|---|
| ଇଂଲଣ୍ଡ ଏବଂ ୱେଲସ୍‌ର ଲୋକସଂଖ୍ୟା | ୩୭୮୮୫୨୪୨ |
| ସ୍କଟଲଣ୍ଡର ଲୋକସଂଖ୍ୟା | ୪୮୮୨୨୮୮ |
| ଆୟରଲାଣ୍ଡର ଲୋକସଂଖ୍ୟା | ୪୩୬୦୦୦୦ |
| ନିକଟବର୍ତ୍ତୀ ଅନ୍ୟାନ୍ୟ ଦ୍ୱୀପଗୁଡ଼ିକର ଲୋକସଂଖ୍ୟା | ୧୪୯୮୫୨ |

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ପ୍ରଧାନ ପ୍ରଧାନ ଉପନିବେଶଗୁଡ଼ିକର ଲୋକସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା—

| | |
|---|---|
| ଭାରତବର୍ଷ (୧୯୩୧ର ଗଣନା) | ୩୫୨୯୮୬୮୭୭ |
| ଅଷ୍ଟ୍ରେଲିଆ | ୬୩୫୦୦୦୦ |
| ନିଉଜିଲାଣ୍ଡ | ୧୪୬୦୦୦୦ |
| କାନାଡା | ୯୯୩୪୫୦୦ |
| ନେଟାଲ | ୧୪୨୬୪୩୧ |
| କେପ୍‌କଲୋନି | ୨୬୮୧୧୮୫ |
| ଟ୍ରାନସ୍‌ଭାଲ | ୨୦୮୫୮୩୬ |
| ଅରେଞ୍ଜ ଫ୍ରିଷ୍ଟେଟ | ୬୨୮୩୬୦ |
| ରୋଡେସିଆ | ୧୮୬୬୦୦୦ |
| ଉଗାଣ୍ଡା (୧୯୨୯ର ଗଣନା) | ୩୪୧୦୮୫୬ |
| ଉତ୍ତର ନାଇଜେରିଆ | ୯୦୦୦୦୦୦ |
| ଦକ୍ଷିଣ ନାଇଜେରିଆ | ୮୦୦୦୦୦୦ |

—❀—

## ଡାଃ ମେହେତା ବନ୍ଦୀ

ମହାତ୍ମା ଗାନ୍ଧିଙ୍କ ଡାକ୍ତର ଡାକ୍ତର ମେହେତା ଇମର୍ଜେନ୍ସି ଅର୍ଡିନାନ୍ସ ଅନୁସାରେ ଗ୍ରେପ୍ତାର ହୋଇଅଛନ୍ତି । ତାଙ୍କ ସ୍ତ୍ରୀ ମଧ୍ୟ ତାଙ୍କ ସହିତ ଗ୍ରେପ୍ତାର ହୋଇ ଅଛନ୍ତି ।

—୦—

## ବମ୍ବେ ସହରରୁ ୧୩୪୧ ବନ୍ଦୀ

ଗତ ଜାନୁଆରୀଠାରୁ ଆଇନ୍ ଅମାନ୍ୟ ଆନ୍ଦୋଳନ ଫଳରେ କେବଳ ବମ୍ବେଇ ସହରରୁ ୧୩୪୧ ଜଣ ଜେଲ୍‌ଦଣ୍ଡ ଭୋଗିଲେଣି ବୋଲି ଫ୍ରି ପ୍ରେସ୍‌ର ଗୋଟିଏ ସମ୍ବାଦରୁ ପ୍ରକାଶ । ଏଥି ମଧ୍ୟରୁ କେବଳ ଅର୍ଡିନାନ୍ସ ଅନୁସାରେ ୧୫୪ ଜଣ ଜେଲ୍ ଭୋଗୁଛନ୍ତି ।

—୦—

## ଶାରଦା ଆଇନ୍ ରଦ୍ଦ ବିଲ୍

ଶାରଦା ଆଇନ୍ ରଦ୍ଦ କରିବାପାଇଁ କାଉନ୍‌ସିଲ୍ ଅଫ୍ ଷ୍ଟେଟ୍‌ରେ ଶ୍ରୀଯୁକ୍ତ ରଘୁନନ୍ଦନ ଗୋଟିଏ ପ୍ରସ୍ତାବ ଆଣିଥିଲେ ଏହି ବିଲ୍ ବିପକ୍ଷରେ ବହୁତ ଆପତ୍ତି ହେଲା । ଶେଷରେ ପ୍ରସ୍ତାବଟି ଗୃହୀତ ହୋଇ ପାରିଲା ନାହିଁ ।

—୦—

## ସରକାରୀ ଇସ୍ତାହାର

ବିହାରଓଡ଼ିଶା ମିନିଷ୍ଟ୍ରିଏଲ୍ ସର୍ଭିସରେ ଲୋୟାର୍ ଡିଭିଜନରେ ଚାକିରୀପାଇଁ ଆସନ୍ତା ତା ୮।୯ ରିଖ ଅପ୍ରେଲ୍ ଦିନ ପାଟନା ସେକ୍ରେଟେରିଏଟ୍‌ରେ ପରୀକ୍ଷା ଗୃହୀତ ହେବ । ପ୍ରଥମଦିନ ମୌଖିକ ପରୀକ୍ଷା ହେବ । ଯେଉଁମାନେ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେମାନେ ଅନ୍ୟାନ୍ୟ ପରୀକ୍ଷା ଦେଇ ପାରିବେ । ପ୍ରାର୍ଥୀମାନେ ମୌଖିକ ପରୀକ୍ଷା ଦେଇ ସାରିବା ପରେ ଅନ୍ୟାନ୍ୟ ପରୀକ୍ଷା ଦେଇପାରିବେ କି ନା ତାହା ଜଣାଇ ଦିଆଯିବ ।

ଯେଉଁ ପ୍ରାର୍ଥୀମାନେ କଟକକେନ୍ଦ୍ରରେ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି, ସେମାନେ ପାଟନା କେନ୍ଦ୍ରରେ ଅନ୍ୟାନ୍ୟ ପରୀକ୍ଷା ଦେବାପାଇଁ ଅନୁମତି ପାଇବେ ।

## ବଙ୍ଗଦେଶରେ ୧୨୫୧ ବନ୍ଦୀ

ବଙ୍ଗ କାଉନ୍‌ସିଲରେ ଗୋଟିଏ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ଉତ୍ତର ମିଳିଛି ଯେ ଡିସେମ୍ବର ପହିଲାଠାରୁ ଜାନୁଆରୀ ତା ୨୬ ରିଖ ପର୍ଯ୍ୟନ୍ତ ୧୨୫୧ ଜଣ ଅର୍ଡିନାନ୍ସ ଅନୁସାରେ ଗ୍ରେପ୍ତାର ହୋଇଅଛନ୍ତି । ଏମାନଙ୍କ ମଧ୍ୟରୁ ୮୫୧ ଜଣଙ୍କୁ ଜେଲଦଣ୍ଡ ଦିଆହୋଇଅଛି । କେତେ ଜଣ କେବଳ ଅଟକ ହୋଇ ରହିଅଛନ୍ତି, ତାହାର ଠିକ୍ ହିସାବ ମିଳନାହିଁ ।

## ସର୍ଦ୍ଦାର ଶାର୍ଦ୍ଦୁଳ ସିଂହ

ସର୍ଦ୍ଦାର ଶାର୍ଦ୍ଦୁଳ ସିଂହ ଲକ୍ଷ୍ନୌରେ ୧୮ମାସ ଜେଲ ଓ ଶହେ ଟଙ୍କା ଅର୍ଥଦଣ୍ଡ ପାଇଅଛନ୍ତି । ଜରିମାନା ନ ଦେଲେ ଆଉ ୬ମାସ ଜେଲଦଣ୍ଡ ଭୋଗିବାକୁ ହେବ ।

—❀—

## କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ୬ମାସ

କଟକ ଛାତ୍ରସଂଘରେ ବକ୍ତୃତା ଦେଇ ଥିବା ଅପରାଧରେ ଡାଃ କୃଷ୍ଣପ୍ରସାଦ ବ୍ରହ୍ମଚାରୀ ଗ୍ରେପ୍ତାର ହୋଇଥିଲେ । ବିଚାରରେ ତାଙ୍କୁ ୬ମାସ ଜେଲଦଣ୍ଡ ଦିଆ ହୋଇଅଛି ।

—❀—

## ଶ୍ରୀମତୀ ମାଳତୀ ଦେବୀ ଗ୍ରେପ୍ତାର

ଗତ ତା ୭ରିଖ ଦିନ ରାତି ୭ଘଣ୍ଟା ବେଳେ ଶ୍ରୀମତୀ ମାଳତୀ ଦେବୀ ତାଙ୍କ ଶିଶୁ ସହିତ ଗ୍ରେପ୍ତାର ହୋଇଅଛନ୍ତି ।

—୦—

## ବାଲେଶ୍ୱରରେ ୨୨ଜଣ ବନ୍ଦୀ

ଗତ ତା ୪ରିଖ ଦିନ ବାଲେଶ୍ୱର ସହରରେ ଗାନ୍ଧୀ ଦିବସ ସମ୍ପର୍କରେ ୨୨ଜଣ ଗ୍ରେପ୍ତାର ହୋଇଥିଲେ । ସେଥି ମଧ୍ୟରୁ ୧୧ ଜଣଙ୍କୁ ପୁଲିସ ଛାଡ଼ିଦେଇଅଛନ୍ତି ।

—❀—

## ସୁନାରପ୍ତାନୀ

ଗତ ତା ୫ରିଖ ଦିନ ଦୁଇ ଜାହାଜରେ ୧୭ଲକ୍ଷ ଟଙ୍କାର ସୁନା ବିଦେଶକୁ ରପ୍ତାନୀ ହୋଇଯାଇଅଛି । ଗତ ସପ୍ତାହ ଅପେକ୍ଷା ଏ ସପ୍ତାହରେ ୪ ଲକ୍ଷ ଟଙ୍କାର କମ୍ ସୁନା ରପ୍ତାନୀ ହୋଇଅଛି ।

ଏପର୍ଯ୍ୟନ୍ତ ଭାରତରୁ ୫୩କୋଟି ୭୦ଲକ୍ଷ ଟଙ୍କାର ସୁନା ବିଦେଶକୁ ରପ୍ତାନୀ ହେଲାଣି ।

—୦—

## ଡି, ଭେଲେରାଙ୍କ ଜୟ ଅବଶ୍ୟମ୍ଭାବୀ

ଆୟର୍ଲାଣ୍ଡର ନିର୍ବାଚନ ଶେଷ ହୋଇ ଗଲାଣି । କେବଳ ପାଞ୍ଚ ଗୋଟିଏ ସ୍ଥାନରେ ନିର୍ବାଚନ ହୋଇନାହିଁ । ନିମ୍ନଲିଖିତ ଅନୁସାରେ ମେମ୍ବର ନିର୍ବାଚିତ ହୋଇ ଅଛନ୍ତି—

| | |
|---|---|
| ଡି, ଭେଲେରା ଦଳ | ୭୨ |
| ସରକାରୀ ଦଳ | ୫୬ |
| ସ୍ୱାଧୀନ ଦଳ | ୧୬ |
| ମୂଲିଆ ଦଳ | ୭ |

ମୂଲିଆ ଦଳ ଡି, ଭେଲେରାଙ୍କ ଦଳ ସହିତ ଯୋଗଦେବେ ବୋଲି ଆଶା କରାଯାଏ । ଯେବେ ତାହା ହୁଏ ତାହାହେଲେ ଡି ଭେଲେରା ଆୟର୍ଲାଣ୍ଡ ସରକାରଙ୍କ ସଭାପତି ହେବେ ବୋଲି ଆଶା କରାଯାଏ ।

—୦—

Digitized by srujanika@gmail.com

No. 191

Endi Chaddars




AT FACTORY PRICES!

Save middlemen's profits for yourself by buying our JECI ENDI CHADDARS which are similar but superior to ASSAM ENDI direct from us. We guarantee to refund your money if you are not satisfied.

Price Rs. 6-8 p. pair (6x1 yds.)

Postage and Packing free.

JAGANNATH CHANANRAM

LUDHIANA (Upper India.)

ନୋଟିସ

ପଲ୍ଲୀ ମଙ୍ଗଳ

[illegible]

No. 104 19-3-32

Wanted a Pandit for the Sanskrit Tol at Keonjhargarh on Rs. 30/- (Rupees thirty only) per mensem with the benefit of the State Provident Fund. Applications with testimonials will be received by the undersigned up to the 15th March 1932.

Keonjhargarh, The 27th February 1932 } Raja & Ruling Chief, Keonjhar State.

No. 103 12-3-32

## Notice

An exhibition of needlework for the Lady Stephenson diploma for the advancement of needlework in Bihar and Orissa will be held at the Radhika Sinha Institute Hall from 2 to 6 p. m. on the 19th March, 1932. Lady Stephenson has kindly consented to distribute the medals and diplomas for both needlework and hygiene at 4. 30 p. m. All Ladies interested in this scheme are cordially welcome.

1-3-1932 } P. A. D. Abreu. Inspectress of Schools, Bihar and Orissa.

No. 106 16-4-32

MORTOR CAR FOR SALE

Available from the middle of May 1932. Bean Car, 14 Horse Power, Purchased new, July 1927. Price Rs. 6, 000/-. Has done 20, 000 miles. Will be sold for Rs. 1800/-or reasonable offer.

Sd. D. E. Reuben
District & Sessions Judge,
Cuttack

## ନୋଟିସ

[illegible]

## ବିଜ୍ଞାପନ

[illegible]

୧ । ସରସ
୨ । ଗାଈ
୩ । ଗଛ
୪ । ଅଟିମ
୫ । ଚମଡ଼ା
୬ । ଗୋରୁଗାଡ଼ି ଓ ଲାଙ୍ଗଳ
୭ । ଘର

Sd/- B. K. Mohanty
Offg. Dewan
Baudh State.

## ନିଲାମ ଇସ୍ତାହାର

[illegible]

Split by PDF Splitter



ନ ୧୧୮ ୭ବ

# ଶ୍ରୀ ନାରାୟଣ ପୁସ୍ତକାଳୟ
# ଚାନ୍ଦନୀଚୌକ, କଟକ

(ବିଜ୍ଞାପନ)

ଏହି ସୁବୃହତ୍ ପୁସ୍ତକ ଭଣ୍ଡାରରେ ଓଡ଼ିଆଭାଷାରେ ପ୍ରକାଶିତ ଯାବତୀୟ ପୁସ୍ତକ ଏବଂ ପ୍ରାଇମେରଠାରୁ ହାଇସ୍କୁଲ ଯାଏ ସମସ୍ତ ପାଠ୍ୟ ପୁସ୍ତକ ମିଳେ । ସୁବିଧାରେ ବିଶ୍ୱସ୍ତଭାବରେ ମୋଫସଲକୁ ପାର୍ଶଲ ପଠାଯାଇ ଥାଏ । ପରୀକ୍ଷା ପ୍ରାର୍ଥନୀୟ ।

ଚଳିତବର୍ଷ ପାଇଁ ଶିକ୍ଷା ବିଭାଗରୁ ମଞ୍ଜୁର ହୋଇଅଛି ଉକ୍ତ ପ୍ରାଥମିକ ଉତ୍କଳ ଇତିବୃତ୍ତ ଶ୍ରୀ ପୀତାମ୍ବର ରାୟ ଓ ଶେଖ୍ ଲତଫ ମୋହମ୍ମଦଙ୍କ କୃତ—ମୂଲ୍ୟ ଟ ୦ ।୵ ପାଞ୍ଚପଇସା ମାତ୍ର

ସରଳ ସରସ ସୁଲଳିତ ହେବାପାଇଁ ଅପୋଥଲ ଭାଷାରେ ଲେଖା, ଚମତ୍କାର ଛନ୍ଦ ଗାଇବା ।

## ସାନନ୍ଦ ରାମାୟଣ

ଲେଖକ ଶ୍ରୀମାନ୍ ଚକ୍ରଧର ମହାପାତ୍ର

ସରଳ କୋମଳ ଭାଷାରେ ଲେଖା, ପିଲାଏ ପଣାପଣ ପିଇ ଶୁଣିବେ । ମୂଲ୍ୟ ଟ ୦ ୵୳

ସଚିତ୍ରା ଜଳକିନ୍ନରୀ ( ଖାଜା ରଙ୍ଗର ଛବିରେ ପରିପୂର୍ଣ୍ଣ ) ଟ ୦ ୵୶

ନୂତନ ପ୍ରକାଶିତ ସୁନ୍ଦର ପ୍ରୟୋଜନୀୟ ବହି

୧ ମା—( ଜନନୀ ଜନ୍ମଭୂମିର କରୁଣାପୂର୍ଣ୍ଣ କବିତା ) ଟ ୦ ୵

୨—ଗୀତାମୃତ ( ଗୀତାର ସାରାଂଶ ସହ ଉତ୍ତର । ଗୀତାର ସରଳ ଅନୁବାଦ ମୂଲ୍ୟ ଟ ୦ ୳

୩—ଚନ୍ଦ୍ରମାଲୀ ( ଖାଣ୍ଟି ଓଡ଼ିଆ ଉପନ୍ୟାସ ଆଦ୍ୟ ଛାପୁରଣ ) ଟ ୧୲

୪—ସଙ୍ଗୀତ କୁସୁମୋଦ୍ୟାନ ( ଜର୍ଜ, ଓଡ଼ିଆ ଓ ବଙ୍ଗଳାଗୀତ ) ମୂଲ୍ୟ ଟ ୦।୶

୫—ପାଟିଗଣିତ ( ନୂଆ ରକମ ଛାତ୍ରମାନଙ୍କ ଉପଯୋଗୀ ) ଟ ୦ ।୶

୬—ଗାଁ ମାଇପଙ୍କ ଗୀତ ( ଗାଉଁଲି ଭାଷାର ଲେଖା ) ଟ ୦ ୵୶

୭—ମିଶନ ବାଳିକା ( ବାଳିକାମାନଙ୍କ ପାଇଁ ) ଟ ୦ ୵୶

## ୧-ଲଗ୍ନ ଓ ରାଶି ଫଳ ଟ ୦ ୳
## ୨-ଜନ୍ମମାସ ଫଳ ଟ ୦ ।

ଲେଖକ ଶ୍ରୀ ଶ୍ୟାମସୁନ୍ଦର ଶତପଥି ବେଦାନ୍ତଭୂଷଣ

ଜ୍ୟୋତିଷଙ୍କ କଠିନ ସମାଧାନ ଶୁଣିବା ଅପେକ୍ଷା ଭଲ ଭାବେ ଓ ଜମିଦାର ଭାଇଙ୍କ ପାଇଁ ଉକ୍ତ ସାଧନାରେ ଲେଖା ଯାଇଅଛି । ପାଞ୍ଜି ପଢ଼ି ସରେ ସରେ ସ୍ଥାନ ପାଇବା ପାଇଁ ଖୁବ୍ ଶସ୍ତା ଦାମ ।

ଲେଖକ ଶେଖ୍ ସୁଲତାନ ମୋହମ୍ମଦ

ସହଜ ଇଂରାଜୀ ଶବ୍ଦବୋଧ ମୂଲ୍ୟ ଟ ୦ ୵୲

କେତେକ ନୂତନ—ପରିଚିତ ପୁସ୍ତକ

ସୁଭଦ୍ରାର୍ଜ୍ଜୁନ [ ସ୍ୱୟଂବରଭାଗ ନାଟକ ] ଟ ୧୲

ଶିକ୍ଷାରତ୍ନ [ ଜୀବନ-ଗଠନ ଶିକ୍ଷାର ଉପଦେଶ ବାଣୀ ] ଟ ୦ ।/

ସୁଚିତ୍ର ରାମାୟଣ [ ନାନା ଛନ୍ଦରେ ସରଳ ପଦ୍ୟ ] ଟ ୦ ।

ନିତ୍ୟକର୍ମ ପୂଜା ପଦ୍ଧତି [ ଜଳ୍ପ ସଂସ୍କରଣ ] ଟ ୦ ୳

ଦ୍ରୌପଦୀ ରସକଲ୍ଲୋଳ ( ନାନାବିଧ ଚୌପଦୀ ) ଟ ୦ ।

ବିରହ କଲ୍ଲୋଳ—( ଜ୍ୟୋସ୍ନାକୁମାରୀ ) ଟ ୦ ୶

ଠିକଣା :—ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, ଚାନ୍ଦନୀଚୌକ—କଟକ

ନ ୧୦୧ ତା ୨୬-୩-୩୨

### ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସନ ୧୯୩୨—୩୩ ମସିହା ନିମନ୍ତେ ସଦର ଲୋକେଲ ବୋର୍ଡ଼ଙ୍କ ଅଧୀନସ୍ଥ ସମସ୍ତ ସଡ଼କ, କୂପ ଓ ପୁଷ୍କରିଣୀ ଖନନ ଓ ମରାମତି ଓ ନୂତନ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟମାନ କରିବା ନିମନ୍ତେ କଣ୍ଟ୍ରାକ୍ଟର ଆବଶ୍ୟକ । ଯେଉଁମାନେ ଉକ୍ତ କାର୍ଯ୍ୟମାନଙ୍କର କଣ୍ଟ୍ରାକ୍ଟ ନେବାକୁ ଇଚ୍ଛା କରନ୍ତି, ସେମାନେ ଚଳିତ ମାର୍ଚ୍ଚମାସ ୨୯ ତାରିଖ ଦିନ ଦ୍ୱିପ୍ରହରରୁ କଟକ ସଦର ଲୋକେଲବୋର୍ଡ ଅଫିସରେ ଟେଣ୍ଡର ଦାଖଲ କଲେ ତାହା ବୋର୍ଡଙ୍କ ଦ୍ୱାରା ବିବେଚିତ ହେବ । କାର୍ଯ୍ୟମାନଙ୍କ ସମ୍ବନ୍ଧରେ ବିଶେଷ ବିବରଣ ଜାଣିବାକୁ ହେଲେ ଉକ୍ତ ଅଫିସରୁ ବୁଝି ପାରିବେ ।

ଶ୍ରୀ ଦେବେନ୍ଦ୍ର କିଶୋର ଦାସ
ଚେୟାରମ୍ୟାନ୍
ସଦର ଲୋକେଲବୋର୍ଡ
କଟକ
ତା ୨୬।୩।୩୨

102

## Sale

CHEVROLET CAR, 4 cylinder, late 1929 model, in perfect mechanical order and first-class condition. Owner-driven, and carefully kept. With all standard fittings, and many accessories. Mileage 17000 only. Available 1st April. Price Rs. 1500 or near offer.

APPLY—
THE COLLECTOR, CUTTACK.

### ନୀଲାମ ଇସ୍ତାହାର

ନ ୧୯୩୭୩ ନମ୍ବର ଜାରି ସନ ୧୯୩୧ ମସିହା

କେନ୍ଦ୍ରାପଡ଼ା ମୁନସଫି ଅଦାଲତ

ଶ୍ରୀଧର କାନୁନ୍ଗୋ ଡିଃ

ସନାତନ ବିଶ୍ୱାଳ ଓଗେର ଦେଃ ମାନେ

ଧାର୍ଯ୍ୟ ତା ୧୩।୩।୩୨ ରଖ

[illegible]

ନ ୧୬୩୭ ନମ୍ବର ଜାରି ସନ ୧୯୩୧ ମସିହା

କଟକ ମୁଃ ୨ୟ ମୁନସଫି ଅଦାଲତ

ଭୂଧର ପାଣ୍ଡା ଡିଃ

ଲକ୍ଷ୍ମୀଦାସ ଦେଃ

ଉପର ଲିଖିତ ନମ୍ବର ମୋକଦ୍ଦମାରେ କ୍ରୋକଲିଖିତ ସମ୍ପତ୍ତି ଦାସଙ୍କର ଜାରି ଡିକ୍ରୀ ନିମନ୍ତେ ସର୍କାରୀ ତା ୧୩।୪।୩୨ ରଖରେ ନୀଲାମ ହେବ ।

[illegible]

ନ ୨୧୬୭ ନମ୍ବର ଜାରି ସନ ୧୯୩୧ ମସିହା

କଟକ ୨ୟ ମୁନସଫି ଅଦାଲତ

[illegible]

ନ ୧୬୩୭ ନମ୍ବର ଜାରି ସନ ୧୯୩୧ ମସିହା

କେନ୍ଦ୍ରାପଡ଼ା ମୁଃ ମୁନସଫି

[illegible]

ନ ୧୧୫୭ ନମ୍ବର ଜାରି ସନ ୧୯୩୧ ମସିହା

କଟକ ୨ୟ ମୁନସଫି କଟକ

ଗୋପୀନାଥ ଚକ୍ରଧର ଡିଃ

ଶୈଳବାଳା ଦାସୀ ଦେଃ

[illegible]



Digitized by srujanika@gmail.com

REGISTERED NO. D.6

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ଅଗ୍ରିମ ମୂଲ୍ୟ ୫ ୩ ୯
ପ୍ରତିଖଣ୍ଡ ୫ ୦୧୯

ଭା ୬୭ ଗ

Cuttack, Saturday the 19th March 1932
ଚୈତ୍ର ୭ ତ ସନ ୧୩୩୯ ସାଲ ଶନିବାର

୧୨ ସଂଖ୍ୟା

## ଓଡ଼ିଶା କମିଟି ଆଉ ମାସେ ରହିବ

ଦିଲ୍ଲୀ (୨।୩।୩୨)

ଓଡ଼ିଶା ତଦନ୍ତ କମିଟିର କାର୍ଯ୍ୟ ଅଦ୍ୟାପି ସମ୍ପୂର୍ଣ୍ଣ ହୋଇନାହିଁ । ଅନେକ କାମ ଅଦ୍ୟାପି ବାକି ରହିଯିବାରୁ, ଏପ୍ରିଲ ଶେଷ କିମ୍ବା ଜୁଲାଇ ସପ୍ତାହ ପର୍ଯ୍ୟନ୍ତ କମିଟିର ଅଧିବେଶନ ଚଳାଇ ରଖିବାପାଇଁ ଭାରତ ଗଭର୍ଣ୍ଣମେଣ୍ଟଙ୍କ ସଙ୍ଗେ ଲେଖାଲେଖି ଚାଲିଛି ।

ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ଯାହା ଉତ୍ତର ଦିଆଯାଇଛି ବୋଲି ଶୁଣାଯାଏ । ମାନ୍ଦ୍ରାଜ ପକ୍ଷରୁ ଯେଉଁ ପ୍ରସ୍ତାବ ପତ୍ର ଦିଆଯାଇଛି, ତାହା ତଦନ୍ତ କରିବା ପାଇଁ ସ୍ପେଶିଆଲ ଅଫିସରଙ୍କୁ ମାନ୍ଦ୍ରାଜ ସରକାର ସୁବିଧା ଦେଉନାହାନ୍ତି ।

—o—

## ଯମୁନାଲାଲ ବଜାଜ୍ ମୁକ୍ତ

ବମ୍ବେ ୧୨।୩।୩୨

ଜାତୀୟ ମହାସଭା କଂଗ୍ରେସର କୋଷାଧ୍ୟକ୍ଷ ଧନ କୁବେର ଯମୁନାଲାଲ ବଜାଜ ଅଦ୍ୟ ନାସିକ ଜେଲରୁ ଖଲାସ ହୋଇ ମୁକ୍ତି ପାଇଲେ । ମୁକ୍ତି ପାଇବା ସଙ୍ଗେ ସଙ୍ଗେ ତାଙ୍କୁ ଜାଣିବାକୁ ଦିଆଗଲା ଯେ, ସେ ଆନ୍ଦୋଳନରେ କୌଣସି ପ୍ରକାରେ ଯୋଗ ଦେଇ ପାରିବେ ନାହିଁ । ଏହାପରେ ସେ ଜେଲ ବାହାରୁ ଦୁଇ ଅଧିକ ଶ୍ରୀମତୀ ଙ୍କୁ ଗୃହ ଅଧିକ ଗଲେ ଘରକୁ ଫେରିଲେ ।

—o—

## ଯୁକ୍ତ ପ୍ରଦେଶ

୧୭ ଜଣଙ୍କୁ ଛ ଛ ମାସ

ଏକତ୍ରାବାଦର ଅଦାଲତ୍ତ୍ର ମାଜିଷ୍ଟ୍ରେଟ ଦୋଷର ଦଳ ଦଳ ୧୭ ଜଣ ଦଣ୍ଡ ଦେଇଛନ୍ତି । ପିକେଟିଂ ଅପରାଧରେ ଛ ଛ ମାସ ଜେଲ ଦଣ୍ଡ ଦେଇଛନ୍ତି । ୭ (ଡ) ଧାରାରେ ଅନ୍ୟ ଗୁରୁ ଜଣ ଛ ଛ ମାସ ଜେଲ ଯାଇଛନ୍ତି ।

—o—

## ଜିଲ୍ଲାବୋର୍ଡ ମେମ୍ବରଙ୍କୁ ଜେଲଦଣ୍ଡ

ପାଟଣାରେ ଶୀଳଭଦ୍ର ଯାଜୀଙ୍କ ସମ୍ବନ୍ଧରେ ଜଣେ ମୁସଲମାନ ଓ ଜଣ ବୋର୍ଡ ମେମ୍ବର । ତାଙ୍କୁ ଦେଡ଼ବର୍ଷ ଜେଲ ଓ ହଜାରେ ଟଙ୍କା ଜରିମାନା ହୋଇଛି ଏବଂ 'ଏ' ଶ୍ରେଣୀ ମିଳିଛି ।

ବାଣ୍ଡାରେ ଜେଲ ଦଣ୍ଡ

ବାଣ୍ଡାଠାରେ ପଣ୍ଡିତ ରାମନାରାୟଣ, ଶ୍ରୀଯୁକ୍ତ ବ୍ରହ୍ମ ଦେବ ଓ ଶ୍ରୀଯୁକ୍ତ ଚଣ୍ଡିକା ପ୍ରସାଦଙ୍କୁ ଛ ଛ ମାସ ଜେଲ ଦଣ୍ଡ ଓ ୫୦ ଟଙ୍କା ଲେଖାଏଁ ଜରିମାନା ହୋଇଛି ।

—o—

## ବ୍ୟୟ ସଙ୍କୋଚ ଓ ପୁଲିସ୍

ବିହାର ଓଡ଼ିଶା ସରକାରଙ୍କ ବ୍ୟୟ ସଙ୍କୋଚ କମିଟି ୨୫ ଲକ୍ଷ କୋଡ଼ି ହଜାର ଟଙ୍କା ବ୍ୟୟହ୍ରାସ କରିବା ପାଇଁ ପ୍ରସ୍ତାବ କରିଥିଲେ । ସେଥିରୁ ସମ୍ବାଦରୁ ପ୍ରକାଶ ସରକାର ୨୧ ଲକ୍ଷ ୧୫ ହଜାର ଟଙ୍କା ହ୍ରାସ କରିବା ନିମନ୍ତେ ସ୍ଥିରକରି ଅଛନ୍ତି । ବ୍ୟୟ ସଙ୍କୋଚ କମିଟି କେତେ ଗୁଡ଼ିଏ ପୁଲିସ ଥାନା ଓ ସେମାନଙ୍କ ଅଧୀନରେ ଥିବା ଫାଣ୍ଡିଗୁଡ଼ିକ ପୁଲିସ ଉଠାଇ ଦେବା ନିମନ୍ତେ ପ୍ରସ୍ତାବ କରିଥିଲେ । ସରକାର ତାହା ଗ୍ରହଣ କରି ପାରିବେ ନାହିଁ ବୋଲି ଜଣାଇ ଅଛନ୍ତି । ଏଥିପାଇଁ ପାଇଁ ଯଥେଷ୍ଟ ଟଙ୍କା ହ୍ରାସ କରାଯାଇ ପାରୁନାହିଁ । ବ୍ୟୟ ସଂକୋଚ କମିଟି ଅନ୍ୟାନ୍ୟ କେତେକ ବିଷୟ ପ୍ରସ୍ତାବ କରିଥିଲେ । ସେ ବିଷୟ ଉପରେ ଅନୁସନ୍ଧାନ ନ କରି କିଛି କରି ପାରିବେ ନାହିଁ ବୋଲି ସରକାର ତାହା ଜଣାଇଅଛନ୍ତି । ମତ୍ସ୍ୟ ବିଭାଗ (Fistry Department) ଉଠାଇ ଦେବା ଲାଗି ପ୍ରସ୍ତାବ କରିଥିଲେ । ତାହା ଉଠିଗଲା ।

—o—

## କେଉଁ ଶ୍ରେଣୀରେ କେତେ ବନ୍ଦୀ

ମାନ୍ଦ୍ରାଜ ପ୍ରଦେଶରେ ଅଇନ୍ ଅମାନ୍ୟ ଆନ୍ଦୋଳନରେ ଦଣ୍ଡ ପାଇଥିବା ରାଜବନ୍ଦୀମାନଙ୍କ ମଧ୍ୟରୁ କେତେ ଜଣ କେଉଁ ଶ୍ରେଣୀରେ ରଖା ହୋଇଅଛନ୍ତି ଗତ ୯ ତାରିଖ ସୁଦ୍ଧା କାଉନ୍ସିଲରେ ଏହି ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ନିମ୍ନ ଲିଖିତ ହିସାବ ମିଳିଛି ।

ଏ—୨୨
ବ—୧୨୫
ସି—୯୮୩

ମୋଟ—୧୧୩୪

—o—

## ନୂଆ ସରକାରଙ୍କ ପ୍ରଥମ କାର୍ଯ୍ୟ

ଆଇର୍ଲଣ୍ଡର ନୂଆ ସରକାର ଶାସନ କ୍ଷମତା ହାତକୁ ନେବା ସଙ୍ଗେ ସଙ୍ଗେ ୨୦ ଜଣ ରାଜବନ୍ଦୀ ମୁକ୍ତି ପାଇଅଛନ୍ତି । କସ୍ଗ୍ରେଭ ସରକାର ରାଜନୈତିକ ଆନ୍ଦୋଳନ ଅପରାଧରେ ଏମାନେ ଜେଲଦଣ୍ଡ ପାଇଥିଲେ । ରାଜନୈତିକ ଆନ୍ଦୋଳନ ବନ୍ଧରେ ଯେଉଁ ଅଇନ ପାସ୍ ହୋଇଥିଲା, ତାହା ଉଠାଇ ଦିଆଯିବ ଏବଂ ସେହି ଅଇନ୍ ଅନୁସାରେ ଯେଉଁମାନେ ଜେଲଦଣ୍ଡ ପାଇଅଛନ୍ତି ସେମାନଙ୍କୁ ମୁକ୍ତ ଦିଆଯିବ ।

ଜେଲ ମୁକ୍ତ ଲୋକମାନଙ୍କୁ ସଭା ସମାବେଶ ସହିତ ଅଭ୍ୟର୍ଥନା କରି ଯାଇଅଛି ।

—o—

## ବଙ୍ଗର ନୂଆ ଗଭର୍ଣ୍ଣର

ବଙ୍ଗପାଇଁ ନବନିଯୁକ୍ତ ଗଭର୍ଣ୍ଣର ସାର୍ ଜନ ଏଣ୍ଡରସନ ଗତ ତା ୧୦ ରଖ ଦିନ ଭାରତ ଅଭିମୁଖରେ ଯାତ୍ରା ଆରମ୍ଭ କରିଅଛନ୍ତି । ଭାରତ ମନ୍ତ୍ରୀ, ହାର କମିଶନର ସାର୍ ବି ଏନ୍ ମିତ୍ର ପ୍ରମୁଖ ତାଙ୍କୁ ଲଣ୍ଡନର ଭିକ୍ଟୋରିଆ ଷ୍ଟେସନଠାରେ ବିଦାୟ ଦେଇଥିଲେ ।

—o—

## ମୁସଲମାନଙ୍କ ଫଳାଫଳ

ବମ୍ବେର ପ୍ରଦେଶରେ ଅଇନ ଅମାନ୍ୟ ଆନ୍ଦୋଳନ ସମ୍ପର୍କରେ ଅନେକ ପୁଲିସ୍ ନିଯୁକ୍ତ ହୋଇଅଛନ୍ତି । ଏଥି ନିମନ୍ତେ ସେଥିପାଇଁ ୫ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଅଛି ।

## ନରିମ୍ୟାନଙ୍କ ଦଣ୍ଡ

ଜମ୍ସେଦର ନେତା ଶ୍ରୀଯୁକ୍ତ କେ ଏଫ ନରିମ୍ୟାନ, ଶ୍ରୀଯୁକ୍ତ ମୂର୍ତ୍ତି, ଓ ଶ୍ରୀମତୀ ପେରିନ୍ କ୍ୟାପ୍ଟେନ୍ ଏ ଭରୁଚାଙ୍କର ବିଚାର ଶେଷ ହୋଇଅଛି । ଶ୍ରୀଯୁକ୍ତ ନରିମ୍ୟାନ୍ ଓ ଶ୍ରୀଯୁକ୍ତ ମୂର୍ତ୍ତି ୨ ବର୍ଷ ଲେଖାଏଁ ଜେଲଦଣ୍ଡ ପାଇଅଛନ୍ତି । ଓ ସେମାନଙ୍କୁ ୨୦୦ ଟଙ୍କା ଲେଖାଏଁ ଜରିମାନା ହୋଇଅଛି । ଜରିମାନା ନ ଦେଲେ ଆଉ ଛଅମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ।

ଶ୍ରୀମତୀ ପେରିନ୍ କ୍ୟାପ୍ଟେନଙ୍କୁ ବର୍ଷେ ଜେଲ ଓ ଏକଶ ଟଙ୍କା ଜରିମାନା ହୋଇଅଛି । ଜରିମାନା ନ ଦେଲେ ତିନି ମାସ ଅଧିକା ଜେଲଦଣ୍ଡ ଭୋଗିବାକୁ ହେବ ।

—o—

## ଦିନକୁ ୬୦ ଜଣ ଅଟକ

ବଙ୍ଗଳାର ସ୍ୱରାଷ୍ଟ୍ର ବିଭାଗ ସଚିବଙ୍କ ଉକ୍ତିରୁ ଜଣାଯାଉଛି—ବଙ୍ଗରେ ପ୍ରତିଦିନ ମଧ୍ୟରେ ଗୁରୁତର ଅପରାଧରେ ୬୦ ଜଣ ଧରା ଯାଉଅଛନ୍ତି । ଏପରି ସ୍ଥଳେ ମଜିଷ୍ଟ୍ରେଟମାନଙ୍କୁ ବେଶୀ ବେଗରେ ମକଦ୍ଦମା ଚଳାଇବାକୁ ସମୟ ଦେବା ନାହିଁ ବୋଲି ସେ ଅଭିଯୋଗ କରିଅଛନ୍ତି ।

—o—

## ପେନ୍‌ସନ୍ ବନ୍ଦ

ଶ୍ରୀଯୁକ୍ତ ଅମୃତ ଲାଲ ଦ୍ୱାସ ନାଗପୁର ହାଇକୋର୍ଟର ଜଜ୍ ଥିଲେ । ଅବସର ନେବାପରେ ସେ ଏତେ ଦିନ ପେନ୍‌ସନ୍ ପାଉଥିଲେ ।

କରେଟା ସରକାର ଶେଷରେ ତାଙ୍କ ପେନ୍‌ସନ୍ ବନ୍ଦ କରି ଦେଇଅଛନ୍ତି । ବ୍ରିଟିଶ ସରକାରଙ୍କ ପେନ୍‌ସନ୍ ଆଉ ପାଇବେ ନାହିଁ । ସେ ଅଇନ୍ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇଥିବାରୁ କରେଟା ସରକାର ଏପରି କରିଲେ ବୋଲି ଜଣାଇ ଦେଇଅଛନ୍ତି ।

—o—

## ଶଙ୍କରଲାଲ ବ୍ୟାଙ୍କରଙ୍କ ନୋଟିସ୍

ନିଖିଳ ଭାରତ ଚରଖା ସଙ୍ଘର ସେକ୍ରେଟାରୀ ଶ୍ରୀଯୁକ୍ତ ଶଙ୍କରଲାଲ ବ୍ୟାଙ୍କର ଅହମଦାବାଦ ଛାଡ଼ି ହାଇଦ୍ରାବାଦରୁ ନୋଟିସ ପାଇ ଅଛନ୍ତି ଯେ ସେ ସାତ ଦିନ ଭିତରେ ପୁଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସରେ ଯାଇ ଦେଖା କରିବେ ।

—o—

## ୪୫୨୦୯ ଟଙ୍କା ଜରିମାନା

ଅଇନ୍ ଅମାନ୍ୟ ଆନ୍ଦୋଳନରେ ମଧ୍ୟପ୍ରଦେଶରେ ୧୦୫୩ ଜଣଙ୍କ ଉପରେ ଅଭିଯୋଗ ହୋଇଥିଲା । ଏଥିମଧ୍ୟରେ ୧୦୦୫ ଜଣ ଫେବ୍ରୁଆରୀ ତା ୧୭ ରଖ ପର୍ଯ୍ୟନ୍ତ ଜେଲ ଦଣ୍ଡ ପାଇଅଛନ୍ତି ବୋଲି ବ୍ୟବସ୍ଥାପକ ସଭାରେ ସରକାରଙ୍କ ପକ୍ଷରୁ ଉତ୍ତର ମିଳିଛି ।

ଏପର୍ଯ୍ୟନ୍ତ ୪୫ ହଜାର ୨୦୯ ଟଙ୍କା ଜରିମାନା କରାଯାଇଅଛି । ସେଥିରୁ ୧୩ ହଜାର ୫୨୫ ଟଙ୍କା ଅସୁଲ ହୋଇଅଛି ।

—o—

## ବିଧବା ବିବାହ

ଗତ ୮ ତାରିଖ ମଙ୍ଗଳବାର ଦିନ ଭାଗଲପୁରର ସମ୍ମିଳନ ସଭାପତି ଶ୍ରୀଯୁକ୍ତ ଚୈତନ୍ୟ ଚରଣ ମିଶ୍ରଙ୍କ ପୌରୋହିତ୍ୟରେ ଉକ୍ତ ଗ୍ରାମର ଶ୍ରୀଯୁକ୍ତ ଶରତଚନ୍ଦ୍ର ମିଶ୍ର ଜୈନ୍ୟାଶ୍ରମୀଙ୍କ ସହିତ ପୁର୍ଣ୍ଣିଆ ଜିଲ୍ଲା ନିବାସୀ ସ୍ୱର୍ଗୀୟ ମିଶ୍ରଙ୍କର ବିଧବା କନ୍ୟା ଶ୍ରୀମତୀ ଚମ୍ପାଦେବୀଙ୍କ ବିବାହ ହୋଇଯାଇଅଛି ।

ସ୍ୱର୍ଗୀୟଙ୍କ ବାପୁଙ୍କର ଜଣେ ଭଣଜା ତାହା ଘର ସମସ୍ତ କନ୍ୟା ଦାନ ଏହି ଉତ୍ସବରେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ଗୋପୀନାଥ ରଥ ପ୍ରଭୃତିଙ୍କ ଦ୍ୱାରା ବିବାହ ସମାପନ ହୋଇଥିଲା ।

—o—

## ଆର୍ଯ୍ୟ ମହିଳା ସମ୍ମିଳନ

ଓଡ଼ିଶା ସଭାନେତ୍ରୀ

ଗତ ତା ୧୦ ରଖ ଦିନ କଟକଠାରେ ହୋଇଥିବା ସାର୍ବଦେଶିକ ଆର୍ଯ୍ୟ ସମ୍ମେଳନ ସଙ୍ଗେ ଯେଉଁ ଆର୍ଯ୍ୟ ମହିଳା ସମ୍ମିଳନୀ ହୋଇଥିଲା ସେଥିରେ କଟକ ଭାରତ ଶ୍ରୀମତୀ କୁନ୍ତଳା କୁମାରୀ ଦେବୀ ସଭାନେତ୍ରୀ ହୋଇଥିଲେ । ସଭାନେତ୍ରୀ ସ୍ୱରୂପ ସେ ଯେଉଁ ହିନ୍ଦୀ ଅଭିଭାଷଣ ଦେଇଥିଲେ ତାହା ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

—

ପୁରୀଠାରେ ତା ୧୪ ରଖ ଦିନ ବନ୍ଦରର ବ୍ଲାକୋବାର ଅଗରେ ପିକେଟିଂ କରିବା ଅପରାଧରେ ଜଣେ ସତ୍ୟାଗ୍ରହୀ ୬ ମାସ ଜେଲ ଦଣ୍ଡ ପାଇଅଛନ୍ତି ।

—o—

Digitized by srujanika@gmail.com

# ଶ୍ରୀ ଲକ୍ଷ୍ମୀନାରାୟଣ ପୁସ୍ତକାଳୟ

ଏହି ସୁବୃହତ୍ ପୁସ୍ତକ ଭଣ୍ଡାରରେ ଓଡ଼ିଆ ଭାଷାରେ ପ୍ରକାଶିତ ଯେ କୌଣସି ପୁସ୍ତକ ଏବଂ ପ୍ରାଇମେରୀଠାରୁ ହାଇସ୍କୁଲ ଯାଏ ସମସ୍ତ ପାଠ୍ୟ ପୁସ୍ତକ ମିଳେ। ସୁବିଧାରେ ବିଶ୍ୱସ୍ତଭାବରେ ମୋଫସଲକୁ ପାର୍ଶଲ ପଠାଯାଇ ଥାଏ। ପରୀକ୍ଷା ପ୍ରାର୍ଥନୀୟ।

ଚଳିତବର୍ଷ ପାଇଁ ଶିକ୍ଷାବିଭାଗରୁ ମଞ୍ଜୁର ହୋଇଅଛି ଉକ୍ତ ପ୍ରାଥମିକ ଉତ୍କଳ ଇତିବୃତ୍ତ ଶୀତାନାଥ ରାୟ ଓ ଶେଖ୍ ଜହର ମୋହମ୍ମଦଙ୍କ କୃତ—ମୂଲ୍ୟ ଟ ୦ । ପାଞ୍ଚଅଣା ମାତ୍ର

ସରେ ସରେ ପ୍ରଚଳିତ ହେବାପାଇଁ ସୁକୋମଳ ଭାଷାରେ ଲେଖା, ଚମତ୍କାର ଶିଶୁ ପାଠ୍ୟ।

## ସାନଙ୍କ ରାମାୟଣ

ଲେଖକ ଶ୍ରୀମାନ୍ ଚକ୍ରଧର ମହାପାତ୍ର

ସରଳ କୋମଳ ଭାଷାରେ ଲେଖା, ପିଲାଏ ପଢ଼ାପଢ଼ି ପିଇ ପକାଇବେ। ମୂଲ୍ୟ ଟ ୦ ୵

ସରୋଜନଳିନୀ (ଜୀବନ ଚରିତ ସୁନ୍ଦର ଢଙ୍ଗରେ ପରିପୂର୍ଣ୍ଣ) ଟ ୦ ।୵

### ନୂତନ ପ୍ରକାଶିତ ସୁନ୍ଦର ପ୍ରୟୋଜନୀୟ ବହି

୧ ମା—(ଜନନୀ ଜନ୍ମଭୂମିର ଜାତୀୟ ଭାବନା) ଟ ୦ ୵

୨—ଗୀତାମୃତ (ଭାରତ କାହାର ସବୁ ବାକ୍ୟ। ଗୀତାର ସରଳ ଅନୁବାଦ ମୂଲ୍ୟ ଟ ୦ ।

୩—ପଦ୍ମମାଳୀ (ଗାନ୍ଧି ଓଡ଼ିଆ ଉପନ୍ୟାସ ଅମୃତ ସିଷ୍ଟରଣ) ଟ ୧୯

୪—ସଙ୍ଗୀତ କୁସୁମୋଦ୍ୟାନ (ଭକ୍ତ, ଓଡ଼ିଆ ଓ ବଙ୍ଗଳାଗୀତ) ମୂଲ୍ୟ ଟ ୦।୵

୫—ପାଗିଳା (ସବୁ ରକମ ଭାଷାର ସଂସାରର ଉପାୟ) ଟ ୦ ।୵

୬—ଗାଁ ମାଇପଙ୍କ ଗୀତ (ଗାଁଙ୍କ ଭାଷାର ଲେଖା) ଟ ୦ ।୵

୭—ମିଶନ ବାଳିକା (ବାଳିକାମାନଙ୍କ ପାଇଁ) ଟ ୦ ।୵

## ୧-ଲଗ୍ନ ଓ ରାଶି ଫଳ ଟ ୦ ।

## ୨-ଜନ୍ମମାସ ଫଳ ଟ ୦ ।

ଲେଖକ ଶ୍ରୀ ଶ୍ୟାମସୁନ୍ଦର ଶାଡ଼ିସ୍ତ୍ରୀ ବେଦାନ୍ତଭୂଷଣ

ଜ୍ୟୋତିଷଙ୍କ ଜଟିଳ ସମାଧାନ ଶୁଣିବା ଆଗରୁ ଜଳ ଭାଗ୍ୟ ଓ କର୍ମଫଳ ଜାଣିବା ପାଇଁ ଜନ୍ମ ସାଧନାରେ ଲେଖା ଯାଇଅଛି। ପାଞ୍ଚି ପର ସରେ ସରେ ସ୍ଥାନ ପାଇବା ପାଇ ଖୁବ୍ ସସ୍ତା ଦାମ।

ଲେଖକ ଶେଖ୍ ସୁଲତାନ ମୋହମ୍ମଦ

ସହଜ ଇଂରାଜୀ ବର୍ଣ୍ଣବୋଧ ମୂଲ୍ୟ ଟ ୦ ୵

### କେତେକ ଦେଶ—ପରିଚିତ ପୁସ୍ତକ

ସୁଭଦ୍ରାର୍ଜ୍ଜୁନ [ଯୁଗାନ୍ତକାରି ନାଟକ] ଟ ୧୯

ଖଣାବଚନ [ଜ୍ୟୋତିଷ-କଥନ ଖଣାର ଉପାଦେୟ ବାଣୀ] ଟ ୦ ।

ସୁଚିତ୍ର ରାମାୟଣ [ନାନା ଛନ୍ଦରେ ସରଳ ପଦ୍ୟ] ଟ ୦ ।

ନିତ୍ୟକର୍ମ ପୂଜା ପଦ୍ଧତି [ଉତ୍କଳ ସଂସ୍କରଣ] ଟ ୦ ।

ଦ୍ରୌପଦୀ ରସକଲ୍ଲୋଳ (ନାନାଦାସ ଗୋସ୍ୱାମୀ) ଟ ୦ ।

ବିରହ କଲ୍ଲୋଳ—(ପ୍ରେମକୁନ୍ତଳା) ଟ ୦ ୵

ଠିକଣା :—ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, କାଳୀତଳାଘାଟ—କଟକ

---

(୧୯-୩-୩୨)

୨୦୫

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି ଯେ ଆସନ୍ତା ମାର୍ଚ୍ଚ ମାସ ୧୬ ତାରିଖରେ ଏହି ରାଜ୍ୟ ଷ୍ଟେଟର ଜମିଦାରି ଅନ୍ତର୍ଗତ ନିମ୍ନଲିଖିତ ୧୯୩୨—୩୩ ସାଲ ନିଲାମରେ ବନ୍ଦୋବସ୍ତ ହେବ। ଯେଉଁମାନେ ଠିକା ନେବାକୁ ଇଚ୍ଛା କରନ୍ତି ସେମାନେ ସ୍ୱୟଂ ବା ଉପଯୁକ୍ତ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ଉକ୍ତ ଦିନରେ ଉପସ୍ଥିତ ହୋଇ ନିଲାମ ଡାକ ପାଇବେ। ଇତି।

ତା ୨୯।୨।୩୨

୧। ସରପ
୨। ଭାଙ୍ଗ
୩। ଗଞ୍ଜା
୪। ଅଫିମ
୫। ଚମଡ଼ା
୬। ଗୋବରଜା ଓ ହାଡ଼
୭। ସଟ

Sd/- B. K. Mohanty
Offg. Dewan
Baudh State.

—:—

No. 106 16-4-32

MORTOR CAR FOR SALE

Available from the middle of May 1932. Bean Car, 14 Horse Power, Purchased new, July 1927. Price Rs. 6,000/-. Has done 20,000 miles. Will be sold for Rs. 1800/- or reasonable offer.

Sd. D. E. Reuben
District & Sessions Judge,
Cuttack.

No. 104 19-3-32

Wanted a Pandit for the Sanskrit Tol at Keonjhargarh on Rs. 30/- (Rupees thirty only) per mensem with the benefit of the State Provident Fund. Applications with testimonials will be received by the undersigned up to the 15th March 1932.

Keonjhargarh, The 27th February 1932 — Raja & Ruling Chief, Keonjhar State.

102

## Sale

CHEVROLET CAR, 4 cylinder, late 1929 model, in perfect mechanical order and first-class condition. Owner-driven, and carefully kept. With all standard fittings, and many accessories. Mileage 17000 only. Available 1st. April. Price Rs. 1500 or near offer.

APPLY—
THE COLLECTOR, CUTTACK.

---

୫୭ ନୂଆବହି ୨୧।୩।୩୨

ଶ୍ରୀ ନାନାନନ୍ଦ ଦାସ ଏମ୍. ଏଲ୍. ଏଙ୍କ

## ପ୍ରାଚୀନ ଉତ୍କଳରେ ଲବଣ ଶିଳ୍ପ

ଲୁଣ ଯୋଗାଣ ଦ୍ୱାରା ଓଡ଼ିଶା ପ୍ରାଚୀନ-କାଳରେ କିପରି ବାଣିଜ୍ୟ ସମୃଦ୍ଧି ଲାଭ କରିଥିଲା, ଓଡ଼ିଶା ଇଂରାଜ ହାତରେ ଲୁଣ କେଉଁଠାରେ କେଉଁ ସ୍ଥାନ ଥିଲା ଓ ସେ ବେପାର କିପରି ବିଦେଶୀ ବେପାରୀଙ୍କ ହାତକୁ ନଷ୍ଟ କରିଦେଲା ଏବଂ ଓଡ଼ିଆମାନେ ଏହା ଫଳରେ କିପରି କାଦଦ ହୋଇ ଲୁଣ ଓ ଭାଙ୍ଗିଲେ ହେଲେ ଏ ସବୁ ସରକାରୀ କାଗଜମାନଙ୍କରୁ ପ୍ରମାଣ ଉଦ୍ଧୃତ କରାଯାଇ ସରଳ ସୁବୋଧ ଭାଷାରେ ବର୍ଣ୍ଣନା କରାଯାଇଅଛି। ପୁଣି ଲବଣଶିଳ୍ପ କିପରି ପୁନର୍ଜୀବିତ କରାଯାଇ ଓଡ଼ିଆ ଭାଗ୍ୟ ପରିବର୍ତ୍ତନ କରି ଯାଇପାରେ ତାହା ମଧ୍ୟ ଦର୍ଶାଇ ଦିଆଯାଇ ଅଛି। ଏ ପୁସ୍ତକ ପ୍ରତ୍ୟେକ ଓଡ଼ିଆ, ଲେଖକ, ଶିକ୍ଷକ ଓ ଛାତ୍ରଙ୍କ।

ପୁସ୍ତକର ମୂଲ୍ୟ ଟ ୦ ।୵

କଟକର ସବୁ ବଡ଼ ବଡ଼ ଦୋକାନରେ ମିଳୁଛି

—:—

## ନୀଲାମ ଇସ୍ତାହାର

ନ ୧୬୦୫ ମୁଃ ଜାରି ଏକ ୧୯୩୧ ମସିହା

ଇଃ ମୁନସଫ କେନ୍ଦ୍ରାପଡ଼ା।

ରାମକୃଷ୍ଣ ଆଚାର୍ଯ୍ୟ ଡିଃ
ଲକ୍ଷ୍ମୀଦେଓ ଦେଃ

ଉକ୍ତ ମୋକଦ୍ଦମାରେ ନିମ୍ନଲିଖିତ ସମ୍ପତ୍ତି ତା ୧୫।୩।୧୯୩୨ ଲକ୍ଷେ ନିଲାମ ହେବ

୧। ମୌଃ ବଳଭଦ୍ର ମୌଃ ଜଗଦଳପୁର ତୌଜି ନ ୨୧୫ ଖାତା ମ୍ୟାଃ ମଧ୍ୟରୁ ଦେଣଦାରର ସ୍ୱତ୍ୱ ଦଖଲ ଟ ୨ କ୍ଷେତ୍ର ୦—୨୫ ଡିଃ ଜମିର ମଧ୍ୟ ଟ ଜମା ଟ ୩। ନିଲାମ ହେବ ଅଃ ମୂଲ୍ୟ ଟ ୨୫

୨। ମୌଃ ଏକଳ ମୌଃ ଏକଳଦେଲାର ନ ୧୩ ଖାତା ମ୍ୟାଃ ମଧ୍ୟରୁ ଦେଣଦାରର ସ୍ୱତ୍ୱ ଦଖଲ ଟ ୨ କ୍ଷେତ୍ର ୦—୩୮ ଡିଃ ଜମିର ଜମା ଟ ୧୨/ ଉକ୍ତ ଜମି ଓ ତଦସ୍ଥିତ ଘର ସେଗା ୧ ଟା ବଳ ଟ ବାଡ଼ିଘରୁ ସହିତ ନିଲାମ ହେବ ଅଃ ମୂଃ ଟ ୧୫

୩। ମୌଃ ନାରୁବସି ମୌଃ ଏକଳଦେଲାର ନ ୪୧୬ ଖାତା ମ୍ୟାଃ ମଧ୍ୟରୁ ଦେଣଦାରର ଦଖଲ ଟ ୨ କ୍ଷେତ୍ର ୦—୩୭ ଡିଃ ଜମିର ଜମା ଟ ୨ ନିଲାମ ହେବ ଅଃ ମୂଃ ଟ ୧୨

—:—

କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ଶ୍ରୀ ... ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Split by PDF Splitter
Digitized by srujanika@gmail.com

No 191

**Endi Chaddars**




AT FACTORY PRICES!

Save middlemen's profits for yourself by buying our JECI ENDI CHADDARS which are similar but superior to ASSAM ENDI, direct from us. We guarantee to refund your money if you are not satisfied.

Pric Rs. 6-8 p. pair (6x1 yds.)

Postage and Packing free.

JAGANNATH CHANANRAM

LUDHIANA (Upper India.)

ନଂ ୩୯ ମୂଲ   ୨୮-୫-୩୨ ମସିହା

ନୋଟିସ

ଓଡ଼ିଶାର ସବୁଠୁଁ ଶସ୍ତା ମାସିକପତ୍ର

## ପଲ୍ଲୀ ମଙ୍ଗଳ

ସମ୍ପାଦକ—ଶ୍ରୀ ଶରତ୍‌ଚନ୍ଦ୍ର ମୁଖାର୍ଜି

ବାର୍ଷିକ ମୂଲ୍ୟ ଡାକ ମାସ

୧୯୩୦ ସାଲର ସବୁସଂଖ୍ୟା ଛଅ ଅଣା ।

୧୯୩୧ ସାଲର ସବୁସଂଖ୍ୟା ଚାରି ଅଣା ।

"ପଲ୍ଲୀମଙ୍ଗଳ"ରେ ପଲ୍ଲିର ଲୋକଙ୍କ ଉପଯୋଗୀ କୃଷି, ବାଣିଜ୍ୟ, ଶିଳ୍ପ, ସ୍ୱାସ୍ଥ୍ୟ, ଓ ଶିକ୍ଷାବିଷୟକ ସୁନ୍ଦର ସୁନ୍ଦର ପ୍ରବନ୍ଧ, ଗଳ୍ପ, ଓ ପଦ୍ୟ ଛାପାହୁଏ । ଓଡ଼ିଶାରେ ବହୁ ଭଲ ଲେଖକ ଏଥିରେ ଲେଖନ୍ତି । ଏହାର ଗ୍ରାହକ ସବୁଠୁଁ ବେଶୀ । ତେଣୁ ବିଜ୍ଞାପନ ଦେବାପାଇଁ ଏପରି କାଗଜ ଓଡ଼ିଶାରେ ନାହିଁ ।

ମ୍ୟାନେଜର୍ :—

ପଲ୍ଲୀମଙ୍ଗଳ ଅଫିସ

ମାଠଗଡ଼ା ସାହି,

ପୋଃ କଟକ ।

168   19-3-32

A Wanted Second Pandit for Patamundai M. E. School on Rs 20/- P. M. Apply to the Undersigned up-to the 27th March.

Secretary

P. O. Patamundai

Dt.—Cuttack.

କଟକର

ସବୁଠାରୁ ବଡ଼ ବହି ଦୋକାନ

## ଗ୍ରନ୍ଥ ମନ୍ଦିର

ଫିଟିବା ଦିନୁ ଲୋକଙ୍କର ବହିପଢ଼ିବାର ଆଗ୍ରହ ବାଢ଼ିଛି

ଏବେ ବଢ଼ିଯାଇଛି ଜାଣନ୍ତି କି ?

ଓଡ଼ିଆ, ବଙ୍ଗଳା, ଇଂରାଜୀ, ହିନ୍ଦୀ, ସଂସ୍କୃତ, ଉର୍ଦ୍ଦୁ, ତେଲଗୁ ଓ ଗୁଜରାଟୀ ଭାଷାର ଯେ କୌଣସି ପୁସ୍ତକ ଆମ୍ଭେମାନେ ଅନ୍ୟାନ୍ୟ ଦୋକାନମାନଙ୍କ ଅପେକ୍ଷା ଶସ୍ତାରେ ଯୋଗାଉ । ପାଠକମାନଙ୍କ ସାହିତ୍ୟର ଯେ କୌଣସି ବିଭାଗରେ ପ୍ରକାଶର ଶ୍ରେଷ୍ଠ ବହିମାନଙ୍କର ଖବର କେବଳ ଆମ୍ଭେମାନେ ଦେବାକୁ ସକ୍ଷମ ।

ଗ୍ରନ୍ଥ ମନ୍ଦିର, ବାଲୁବଜାର, କଟକ

ନଂ ୧୧୦   ତା ୧୯-୩-୩୨

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ କଟକ ଜିଲ୍ଲା ପୁରୀ ଷ୍ଟେସନ ଥାନା ମୌଃ କୋଦାଗଣ୍ଡ ମୌଃ କେଉଁଅଳ ଖଣ୍ଡ ମୌଃ କାଶୀପୁର ଏବଂ ଭାଲିଯୋଡ଼ା ମୌଃ କଣ୍ଟିଗଣ୍ଡ ପ୍ରଗନାମାନଙ୍କରେ ଜମିଦାର ସ୍ୱର୍ଗ କାହ୍ନେଇ ଦାସ ଆପ୍ତି ଓ ଉଦାନ ହେବାର ରକମ ପନ୍ଦ୍ରମାନ ଥିବାରୁ ଆମ୍ଭେ ଆମ୍ଭ ତରଫରୁ ମୌଃ କୋଦାଗଣ୍ଡ ମୌଃ ପାଇଗାଁ ନିବାସି ଶ୍ୟାମମୋହନ ଦାସଗୋଇ ମୌଃ କୁମ୍ଭେଇ ପାଟଣେ ଦବଲପୁର ନିବାସି ଗଙ୍ଗେଶ୍ୱର ଖଣ୍ଡପଥ୍ଥ ମାନଙ୍କୁ ତା ୨୮-୭-ସନ ୧୯୩୧ ମସିହାରେ ଆମ୍ଭ ଭାଗର ପଦରେ ନିଯୁକ୍ତ କରିଥିଲୁ କିନ୍ତୁ ଆମ୍ଭଭାଇମାନେ ମୂଳରୁ ସେହି ତାରିଖଠାରୁ କୌଣସି କାର୍ଯ୍ୟ ନ କରିବା ନାନାଦି ପ୍ରକାର ଅବହେଳି କାର୍ଯ୍ୟମାନ କରିବାରୁ ସେମାନଙ୍କୁ ଆମ୍ଭ ଭାଗ ପଦରୁ ରଦ୍ଦ ଓ ବହିଷ୍କାର କରି ବରଖାସ୍ତ କରିଅଛୁ । ସେଥିର ଏକଲି କଲେକ୍ଟର ସାହେବଙ୍କ ହଜୁରରେ ଦେଇଅଛୁ । ସେ ଆଜ ଦିନଠାରୁ ଆମ୍ଭର କୌଣସି କାର୍ଯ୍ୟ କରିବେ ନାହିଁ । ଆମ୍ଭ ତରଫରୁ ଅସୁଲ ତହସିଲ କରିପାରିବେ ନାହିଁ । ସେମାନଙ୍କୁ କେହି ଖଜଣା ଓ କରଦ୍ଧାନୀ ଓ ମହାଜନୀ ଆଦ ଯେପରି ରକମ ଛାପ କେହି ଦେଇ ପାରିବେ ନାହିଁ । ଯଦି କେହି ଦେଇଥିବେ ତେବେ ଆମ୍ଭେ ଦାୟୀ ହେବୁ ନାହିଁ ଓ ସେମାନେ ଆମ୍ଭଠାରୁ ମଜୁରା ପାଇବେ ନାହିଁ । ଇତି ।

ଶ୍ରୀ ଧ୍ରୁବାନନ୍ଦ ଦାସ

ଚନ୍ଦ୍ରକାନ୍ତ—ଶ୍ରୀ କାଳୀଚରଣ ପଟ୍ଟନାୟକ ସଙ୍ଗୀତ ସରସ୍ୱତୀଙ୍କ

ପ୍ରଣୀତ

ସର୍ବଜନ ପ୍ରଶଂସିତ ନାଟକ

## କୌତୁକ ଚିନ୍ତାମଣି

ପ୍ରକାଶିତ ହେଲାଣି

ଏକମାତ୍ର ପ୍ରାପ୍ତିସ୍ଥାନ :—

ଗ୍ରନ୍ଥ ମନ୍ଦିର

ପୋଃ ଅଃ ଚାନ୍ଦିନୀଚୌକ—କଟକ

୧୦୯   ନୋଟିସ   ୨୧।୩।୩୨

ନରସିଂହପୁର ଷ୍ଟେଟ ଅନ୍ତର୍ଗତ ଜମ୍ବୁଜିଡ଼ି ଗ୍ରାମର ସ୍କୁଲ ଘର ତା ୩୦।୩।୩୨ ରଖ ବେଳି ଦୁଇଟାରୁ ସମୟରେ ଶ୍ରୀମାନ୍ ରାଜା ସାହେବଙ୍କ ଅଦାଲତରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ନିଲାମ ଗ୍ରହୀତାମାନେ ସେହି ତାରିଖରେ ଉପସ୍ଥିତ ହୋଇ ନିଲାମ ଡାକି ପାରିବେ । ଯାହାଙ୍କ ନାମରେ ନିଲାମ ଖତମ ହେବ, ସେ ନିଲାମ ରକମର ¼ ଅଂଶ ତତ୍‌କ୍ଷଣାତ୍ ଜମା କରିବେ ।

୧ । ଦାଖଲଖଣ୍ଡି ଗୁଡ଼ ଇ ୧ ଘର ହାତ ୪୧୦୦ ର ଏଥିରେ କାଠ, ଅନ୍ୟାନ୍ୟ ସମସ୍ତ ଘରର ଜାଠ ମିଳିବ ।

୨ । ବେ ଭୂଇଁ ଗୁଡ଼ ଇ ୧ ଘର ହାତ ଏ ୧୦୦ ରର ଦାବୀ ୧-୬-୩୨ ଯାଏ ୩୧-୩-୩୨

Dewan.

## ପ୍ରୀତିସୁଧାକର

## ଭକ୍ତରତ୍ନାବଳୀ

ପ୍ରାପ୍ତିସ୍ଥାନ:- ଗ୍ରନ୍ଥ ମନ୍ଦିର ପୋଃ ଅଃ ଚାନ୍ଦନୀଚୌକ କଟକ

Split by PDF Splitter

Digitized by srujanika@gmail.com

REGISTERED NO. D 6

79

# ଉତ୍କଳଦୀପିକା


ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ଅଗ୍ରିମ ମୂଲ୍ୟ ୩ ...
ପ୍ରତିସଂଖ୍ୟା ... ୦୯

ଖଣ୍ଡ ୬୭ ଗ

Cuttack, Saturday the 26th March 1932
ଚୈତ୍ର ଦ ୧୪ ଦ ସନ ୧୩୩୯ ସାଲ ଶନିବାର

୧୨ଶ ସଂଖ୍ୟା


## ଲଙ୍କା ସାୟାରର ବସ୍ତ୍ରଶିଳ୍ପ

ଗତ ୧୬ ତାରିଖ ଦିନ ମିଃ ବରନେଷ୍ଟ ଦୁର୍ଗ୍ଗିଟ୍ ଉଏଲ୍ ଷ୍ଟାଟିସ୍ଟିକାଲ ସୋସାଇଟିରେ ଲଙ୍କାସାୟାରର ବସ୍ତ୍ରଶିଳ୍ପ ସମ୍ବନ୍ଧରେ ଗୋଟିଏ ବକ୍ତୃତା ଦେଇଅଛନ୍ତି । ସେ କହିଛନ୍ତି :—

"ଯୁଦ୍ଧପରେ ଭାରତରେ ଭୀଷଣ ପରିବର୍ତ୍ତନ ଦେଖାଯାଇଅଛି । ଯୁଦ୍ଧ ପୂର୍ବରୁ ଭାରତକୁ ଯେତେ ପରିମାଣରେ ଲଙ୍କାସାୟାରର ଲୁଗା ପଠାଯାଉ ଥିଲା, ଏବେ ଆଉ ସେପରି ନାହିଁ । ଭାରତରେ ସ୍ୱଦେଶୀ-ପାଇଁ ବଢ଼ିଥିବା ଆଗ୍ରହହିଁ ଏହାର ପ୍ରଧାନ କାରଣ । ଭାରତର ମିଲ୍‌ମାନଙ୍କରେ ଅଦ୍ଭୁତ ସ୍ୱଦେଶୀ ବସ୍ତ୍ର ପ୍ରସ୍ତୁତ ହେଉଅଛି ଏବଂ ଲଙ୍କାସାୟାରର ଲୁଗାଠାରୁ ତାହା ମଧ୍ୟ ଶସ୍ତା ଦରରେ ବିକ୍ରୀ ହେଉଛି । ଏହା ଛଡ଼ା ଜାପାନ ମଧ୍ୟ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆ ହୋଇଛି ।

ଯେତେବେଳେ ଲଙ୍କାସାୟାର ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ସମକକ୍ଷ ହୋଇ ଟିକି ନ ପାରେ ଏବଂ ଭାରତରେ ଜନ୍ମ ହେଲେ ଲଙ୍କାସାୟାରର ଲୁଗା ବିକ୍ରୀ ନ ହୁଏ ତାହାହେଲେ ଲଙ୍କାସାୟାରର ବସ୍ତ୍ରଶିଳ୍ପ ଆଉ ତିଷ୍ଠି ପାରିବ ନାହିଁ । ଏବେକାରେ ବିଲାତ ଓ ଭାରତର ବାଣିଜ୍ୟ ସମ୍ପର୍କ ଛିନ୍ନ ହେବା ପାଇଁ ଯେଉଁ ଆନ୍ଦୋଳନ ଚାଲିଛି ଭାରତରେ ଯେଉଁ ଜାଗରଣ ଦେଖା ଯାଉଅଛି, ସେଥିରେ ପୁଣି ଲଙ୍କାସାୟାର୍‌କୁ ବହୁ ପ୍ରବଳ ଭାବରେ ସହିବାକୁ ପଡ଼ୁଛି । ଭାରତରେ ଯେତେବେଳେ ପୁଣି ନୂଆ ଶାସନ ଗଠନ ହେବ, ସେତେବେଳେ ପୁଣି ଅଧିକ ଟିକସ ବସାଇ ଲଙ୍କାସାୟାର ବସ୍ତ୍ର ବନ୍ଦ କରିବ, ଏଥିରେ ସନ୍ଦେହ ନାହିଁ । ଏଣୁ ଏବେଠୁ ବେଶି ଭାବରେ ବଜାର ମାଡ଼ ବସିବାକୁ ସହ ହେବ ।"

## ଜାମିନ୍ ବିରୁଦ୍ଧରେ ଅପିଲ୍

"ଇଣ୍ଡିଆନ୍ ଡେଲି ମେଲ୍" ପତ୍ରିକାର ସମ୍ପାଦକ ମିଃ ଯୋସେଫଙ୍କଠାରୁ ସରକାର ୧୨ ହଜାର ଟଙ୍କା ଜାମିନ ତଲବ କରିଥିଲେ । ଏହି ଜାମିନ ବିରୁଦ୍ଧରେ ସେ ହାଇକୋର୍ଟରେ ଅପିଲ କରିବେ ବୋଲି ସ୍ଥିର କରିଅଛନ୍ତି ।

—o—

## ଇଣ୍ଡିଆ ଲିଗ୍

ବିଲାତରେ ଇଣ୍ଡିଆଲିଗ୍ ବୋଲି ଯେଉଁ ସମିତି ଅଛି, ଏଥିମଧ୍ୟରେ ସେଥି-ପାଇଁ ଗୋଟିଏ ତାଗିଦାର କମିଟି ଗଠିତ ହୋଇଅଛି । ଏହି କମିଟିରେ ମିଃ ଲାନ୍ସବରି ପ୍ରମୁଖ କେତେକ ଜଣ ବରିଷ୍ଠ ବ୍ୟକ୍ତି ରହିଅଛନ୍ତି ।

—

## ଜେଲ୍ ଉପରେ ଜେଲ୍

ଶ୍ରୀମତୀ ଲାବଣ୍ୟପ୍ରଭା ଦେବୀ ୬ମାସ ଜେଲ ପାଇ ବର୍ତ୍ତମାନ ଜେଲ୍‌ଦଣ୍ଡ ଭୋଗୁଛନ୍ତି । ରାଜଦ୍ରୋହ ଅଭିଯୋଗରେ ତାଙ୍କୁ ପୁଣି ଏକବର୍ଷ ଜେଲ୍‌ଦଣ୍ଡର ଆଦେଶ ମିଳିଛି ।

—*—

## ସୁଭାଷ ବୋଷଙ୍କ ଦୈନିକ ଭତ୍ତା

ଭାରତ ସରକାରଙ୍କ ସହିତ ପରାମର୍ଶ କରି, ମଧ୍ୟ ପ୍ରଦେଶ ସରକାର ସିଉନୀ ଜେଲରେ ଥିବା ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ବୋଷଙ୍କୁ ଦୈନିକ ପାଞ୍ଚ ଟଙ୍କା ଲେଖାଏଁ ଭତ୍ତା ଦେବାର ସ୍ଥିର କରିଅଛନ୍ତି । ସେ ବ୍ୟାୟାମ କରିବାପାଇଁ ବ୍ୟାଡ୍‌ମିଣ୍ଟନର ବ୍ୟବସ୍ଥା ମଧ୍ୟ ହୋଇଅଛି ।

—*—

## "ଇଣ୍ଡିଆନ୍ ନେସନ୍" ବନ୍ଦ

ପାଟନାଠାରୁ ବର୍ତ୍ତମାନ ଦରଭଙ୍ଗା ମହାରାଜାଙ୍କର ଇଣ୍ଡିଆନ୍ ନେସନ୍ ନାମକ ଯେଉଁ ସମ୍ବାଦ ପତ୍ର ପ୍ରକାଶିତ ହେଉଥିଲା, ତାହା ଗତ ତା ୨୧ ଦିନଠାରୁ ବନ୍ଦ ହୋଇଯିବାର ସ୍ଥିର କରାଯାଇଅଛି ।

—*—

## ଡେନ୍‌ମାର୍କର ଯୁଦ୍ଧବ୍ୟୟ

ଡେନମାର୍କ ସରକାର ଡେନମାର୍କର ଯୁଦ୍ଧବ୍ୟୟ କମ୍ପ୍ଲିଟମାନଙ୍କରେ କମାଇ ଦେଇ ଅଛନ୍ତି । ଡେନ୍‌ମାର୍କର ନୌସେନା ଜଙ୍ଗ-ପାଇଁ ଯେଉଁ ପ୍ରକାଣ୍ଡ ଯୁଦ୍ଧ ଜାହାଜ ସବୁ ତିଆରି ହେଉଥିଲା, ତାହା ବନ୍ଦ କରି ଦିଆଯିବ । ସ୍ଥଳ ସୈନ୍ୟ ମଧ୍ୟରୁ କେବଳ ୨ଦଳ ରଖାଯିବେ । ଆକାଶ ଯୁଦ୍ଧପାଇଁ କେବଳ ଏକଦଳ ବ୍ୟୋମଯାନ ରହିବ । ତୋପ ଓ ବନ୍ଧୁକର ସଂଖ୍ୟା ମଧ୍ୟ କମାଇ ଦିଆ ହେଉଅଛି । ଡେନ୍‌ମାର୍କର ଉପକୂଳ ରକ୍ଷାପାଇଁ ଯେଉଁସବୁ ଜାହାଜ ଥିଲା, ସେଥିରୁ ମଧ୍ୟ କେତେ କମାଇ ଦିଆ ହେଉଛି ।

—*—

## "ଲୋକମାନ୍ୟ" ସମ୍ପାଦକ ମୁକ୍ତ

କଲିକତା "ଲୋକମାନ୍ୟ" ପତ୍ରିକାର ସମ୍ପାଦକ ରାଜଦ୍ରୋହ ଅଭିଯୋଗରେ ଗ୍ରେପ୍ତାର ହୋଇଥିଲେ । ଚିଫ୍ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ତାଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ ଦେଇ-ଅଛନ୍ତି ।

—*—

## ସୁନା ରପ୍ତାନୀ

ଗତ ସେପ୍ଟେମ୍ବର ତା ୨୪ ଦିନଠାରୁ ଏପର୍ଯ୍ୟନ୍ତ ଭାରତରୁ ୩୬ କୋଟି ୩୪ ଲକ୍ଷ ଟଙ୍କାର ସୁନା ବିଦେଶକୁ ରପ୍ତାନୀ ହେଲାଣି ।

—*—

## ସ୍ୱାସ୍ଥ୍ୟ ବିଭାଗପାଇଁ ବ୍ୟୟ

ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚପାଇଁ ମାନ୍ଦ୍ରାଜ କାଉନ୍‌ସିଲ୍ ଆଗାମୀ ବର୍ଷ ବଜେଟରେ ୨୦ ଲକ୍ଷ ୫୯ ହଜାର ୮୦୦ ଟଙ୍କା ମଞ୍ଜୁର କରିଅଛନ୍ତି ।

—*—

## ୭୨୭୩ ବନ୍ଦୀ

ଗୋଟିଏ ସମ୍ବାଦରୁ ପ୍ରକାଶ ଆଇନ-ଅମାନ୍ୟ ଆନ୍ଦୋଳନ ସମ୍ପର୍କରେ ଯୁକ୍ତ ପ୍ରଦେଶରେ ଏପର୍ଯ୍ୟନ୍ତ ୭୨୭୩ ଜଣ ଜେଲ୍‌ଦଣ୍ଡ ପାଇଲେଣି ।

—*—

## ଏକାଡେମୀ ସ୍କୁଲ

ବୋର୍ଡ ଅଫ୍-ସେକେଣ୍ଡାରୀ ଏଡୁକେସନଙ୍କ ଆଦେଶ ଅନୁସାରେ ଏକାଡେମୀ ସ୍କୁଲର ମ୍ୟାନେଜିଂ କମିଟି କାର୍ଯ୍ୟ କରୁ ନ ଥିବାରୁ ଶୁଣାଯାଏ ଏକାଡେମୀ ସ୍କୁଲର ଗତ ୩ ମାସର ସରକାରୀ ସାହାଯ୍ୟ ବାକି ରହିଲା । ଅଗ୍ରାହ୍ୟ ହୋଇ ସ୍କୁଲର ଦେୟ ସାହାଯ୍ୟ ଟଙ୍କା ବାଜ୍ୟାପ୍ତ ହୋଇଗଲା । ବର୍ଷ ଶେଷ ସମୟ, ତେଣୁ ତାହା ଟଙ୍କା ପୁନଃପ୍ରାପ୍ତିର ଆଶା କମ୍ । ଏହା ବଡ଼ ଦୁଃଖର ବିଷୟ । ଟଙ୍କାର ପରିମାଣ ପ୍ରାୟ ୪୦୦ରୁ କିଛି ବେଶୀ । ମେମ୍ବରମାନଙ୍କ ମଧ୍ୟରେ ମତଭେଦ ହୋଇ-ପାରେ, ସାଧାରଣଙ୍କର ଅସନ୍ତୋଷ ଘଟି-ପାରେ, ନାନାପ୍ରକାର ସାମୟିକ ଅସୁବିଧା ମଧ୍ୟ ଘଟିବା ଅସମ୍ଭବ ନୁହେଁ—କିନ୍ତୁ ପ୍ରତ୍ୟେକ ବିଷୟର ସୀମା ରହିବା ଆବଶ୍ୟକ । ସ୍କୁଲଟି ସର୍ବସାଧାରଣଙ୍କର । ମ୍ୟାନେଜିଂ କମିଟି ସର୍ବସାଧାରଣଙ୍କର ପ୍ରତିନିଧି । ସେମାନେ ନିଜର ଅବହେଳା ହେତୁ ସରକାରୀ ସାହାଯ୍ୟ ବାଜ୍ୟାପ୍ତ ହେବା ପର୍ଯ୍ୟନ୍ତ ଯିବା ଉଚିତ ହୋଇନାହିଁ ନୁହେଁ । ଆଶାକରୁ କମିଟି ଶୀଘ୍ର ଏଥିର ଉଚିତ ପ୍ରତିକାରର ବ୍ୟବସ୍ଥା କରିବେ ।

—*—

## ବନ୍ୟଜନ୍ତୁ ଦ୍ୱାରା ମନୁଷ୍ୟ ହାନୀ

ଗତ ବର୍ଷ ବନ୍ୟଜନ୍ତୁ ଦ୍ୱାରା କେଉଁ ସ୍ଥାନରୁ କେତେ ମନୁଷ୍ୟ ନଷ୍ଟ ହୋଇଅଛନ୍ତି, ତାହାର ଗୋଟିଏ ହିସାବ ପ୍ରକାଶିତ ହୋଇଅଛି ।

ସମ୍ବଲପୁର ପ୍ରାନ୍ତରୁ ୧୯ ଜଣ, ଅନୁଗୁଳରୁ ୩୯ ଜଣ, ପୁରୀରୁ ୮ ଜଣ, ବ୍ୟାଘ୍ରାଦି ହିଂସ୍ର ଜନ୍ତୁଙ୍କ ଦ୍ୱାରା ନିହତ ହୋଇଅଛନ୍ତି ।

ଅନୁଗୁଳ ପ୍ରାନ୍ତରେ ସର୍ପ ଦଂଶନରେ ୨୫ ଜଣଙ୍କର ମୃତ୍ୟୁ ହୋଇଅଛି ।

—*—

## ସୋଲାପୁର ମାଜିଷ୍ଟ୍ରେଟ୍‌ଙ୍କ ହୁକୁମ

ସୋଲାପୁରଠାରେ ଜାତୀୟ ପତାକା ଉପରେ ଯେଉଁ ଶାସ ଅଛି, ତାହାର ପରିବର୍ତ୍ତନ ଉପରେ ସେଠାକାର ମାଜିଷ୍ଟ୍ରେଟ୍ ଗୋଟିଏ ନୋଟିସ ଜାରି କରିଅଛନ୍ତି । ଅନ୍ୟାନ୍ୟ କେତେକ ବିଷୟ ସଙ୍ଗେ ସଙ୍ଗେ ରାସ୍ତାରେ ଗାନ୍ଧୀ ଟୋପୀ ବ୍ୟବହାର କରିବାକୁ ଦେବ ନାହିଁ ବୋଲି ଆଦେଶ ଦିଆ ହୋଇଅଛି । ଉକ୍ତ ସହରର ପଣ୍ଡିତମାନେ ଏହି ଆଦେଶ ପରିବର୍ତ୍ତନର ଚେଷ୍ଟା କରୁଅଛନ୍ତି ।

—*—

## କଲିକତାର ଉନ୍ନତି ପାଇଁ ୧୧ କୋଟି ଟଙ୍କା

କଲିକତାର ଉନ୍ନତି ପାଇଁ ଗତ ୧୪ ବର୍ଷ ହେଲା ଗୋଟିଏ ଟ୍ରଷ୍ଟ ପ୍ରତିଷ୍ଠିତ ହୋଇଅଛି । ଏହି ସମୟ ମଧ୍ୟରେ ସହରର ଉନ୍ନତି ପାଇଁ ୧୧ କୋଟି ଟଙ୍କା ବ୍ୟୟ ହୋଇଅଛି । କେବଳ ଜମି କିଣିବା କାମରେ ଟ୍ରଷ୍ଟ ୪ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ କରିଅଛନ୍ତି । ଟ୍ରଷ୍ଟ ପକ୍ଷରୁ ୫୭ ମାଇଲ ରାସ୍ତା ତିଆରି ସରିଛି । ୨୩ଗୋଟି ସୋଲାପାର୍କ (ବଗିଚା) ମଧ୍ୟ ପ୍ରସ୍ତୁତ ହୋଇଛି । ଉକ୍ତ କାମରେ ୩ ଏକରରୁ କମ ଯାଗା ଖରିଦ କରିବାପାଇଁ ଟ୍ରଷ୍ଟ ୩୨ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ କରିଅଛନ୍ତି ।

—*—

## କରପୋରେସନ୍ କାର୍ଯ୍ୟ ବନ୍ଦ

ଗତ ବୁଧବାର ଦିନ ମୌଲବୀ ଅବୁଲ କାସମ ସାହେବଙ୍କ ମୃତ୍ୟୁରେ କଲିକତା କରପୋରେସନର କାର୍ଯ୍ୟ ସ୍ଥଗିତ ରହିଥିଲା । ମୌଲବୀ କରପୋରେସନର ଜଣେ ବରିଷ୍ଠ ସଭ୍ୟ ଥିଲେ ।

—*—

## ୮୭ଜଣଙ୍କ ଜେଲ୍

ଗତ ତା ୧୫ ରିଖ ଦିନ କମ୍ପେର-ଠାରେ ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ୧୨୦ଜଣ ଗ୍ରେପ୍ତାର ହୋଇଥିଲେ । ଗତ ୧୬ ତାରିଖ ଦିନ ଏଥିମଧ୍ୟରୁ ୮୭ଜଣଙ୍କର ବିଚାର ସରିଛି । ଏମାନଙ୍କୁ ୬ମାସ ଲେଖାଏଁ ଜେଲ ଏବଂ ୩୦ ଟଙ୍କା ଲେଖାଏଁ ଜରିମାନା ହୋଇଅଛି । ଜରିମାନା ନ ଦେଲେ ଅଧିକା ସପ୍ତାହ ଲେଖାଏଁ ଜେଲ୍ ଭୋଗି-ବାକୁ ପଡ଼ିବ ।

ବମ୍ବେର "ସମର ସମିତିର" ୩ଜଣ ସଭ୍ୟଙ୍କୁ ୬ମାସ ଲେଖାଏଁ ଜେଲ୍ ଏବଂ ୨୦୦ ଟଙ୍କା ଲେଖାଏଁ ଜରିମାନା ହୋଇ-ଅଛି । ଜରିମାନା ନ ଦେଲେ ଆଉ ୩ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ।

୪ଜଣ ବାଳକଙ୍କୁ ୩ବର୍ଷ ପାଇଁ ରିଫର୍ମେଟୋରି ସ୍କୁଲକୁ ପଠା ଯାଇଅଛି ।

—*—


Split by PDF Splitter

Digitized by srujanika@gmail.com

